

# ଭୁବନେଶ୍ୱର ସିଟି

## ଦମ୍ପତିଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୬।୩ (ସମିସ): ପ୍ରଥମେ ସ୍ୱାମୀଙ୍କୁ ପିଟିଲେ, ଥାନାରେ ଅଭିଯୋଗ କରିବାରୁ ସ୍ତ୍ରୀଙ୍କୁ ଲୁହା ଛଡ଼ରେ ଆକ୍ରମଣ କଲେ। ଏଭଳି କାଣ୍ଡ ଭିଆଇଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଥରବନ୍ଧ ବେହେରା ସାହିର ନୀଳକଣ୍ଠ ନାୟକ ଓରଫ୍ ବିକି (୨୪)। ପୁଲିସ ସୂଚନା ଅନୁଯାୟୀ, ପଥରବନ୍ଧ ବସ୍ତିରେ ରହୁଥିବା



ବୈଷ୍ଣବ ଚରଣ ଲେଙ୍କା ଗତମାସ ୨୮ ତାରିଖ ରାତିରେ ଘରକୁ ଫେରୁଥିବା ବେଳେ ପୋଷ୍ଟାଲ୍ କଲୋନୀ ଛକ ନିକଟରେ ବିକି ଓ ତା'ର ସହଯୋଗୀ ରାସ୍ତାରେ ଜୋରଜବରଦସ୍ତ ଅଟକାଇ ଗାଳିଗୁଲଜ କରି ପ୍ରବଳ ମାଡ଼ ମାରିଥିଲେ। ବୈଷ୍ଣବ ତଳେ ପଡ଼ିଯିବା ପରେ ଦୁଇ ଅଭିଯୁକ୍ତ ସେଠାରୁ ପଳାଇଥିଲେ। ବୈଷ୍ଣବ ଘରକୁ ଫେରି ତାଙ୍କ ପୁଅକୁ ସାଙ୍ଗରେ ନେଇ ଥାନାକୁ ଅଭିଯୋଗ କରିବା ଲାଗି ଯାଇଥିଲେ। ଥାନାକୁ ଯାଇଥିବା ଜାଣିବା ପରେ ବିକି ଓ ତାର ସହଯୋଗୀ ପୁଣି ବୈଷ୍ଣବଙ୍କ ଘରକୁ ଯାଇ ତାଙ୍କ ପତ୍ନୀଙ୍କୁ ଅଶ୍ଲୀଳ ଭାଷାରେ ଗାଳି କରିବା ସହିତ ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ବିକିକୁ ଗିରଫ କରି କୋର୍ଟଚାଲାଣ କରିଛି। ତା'ର ସହଯୋଗୀ ଏବେ ବି ଫେରାର ରହିଛି।

## ପରିସ୍ରା କରିବାକୁ ବାରଣ କରିବାରୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୬।୩(ସମିସ): ଘର ଆଗରେ ପରିସ୍ରା କରିବାକୁ ବାରଣ କରିବାରୁ ବାପପୁଅଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିରେ ରହୁଥିବା ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କଇଁଫୁଲିଆ ଗାଁର ବାପି



ନାୟକ (୩୦)। ପୁଲିସ ସୂଚନା ଅନୁସାରେ, ଶିରିପୁର ଅନ୍ତର୍ଗତ କନ୍ଧ ସାହିରେ ରହୁଥିବା ଅଜୟ ସେଠୀ ଗତମାସ ୨୨ ତାରିଖ ଦିନ ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ବାପି ଓ ତା'ର ସହଯୋଗୀମାନେ ଏକ ଅଟୋରେ ଆସି ତାଙ୍କ ଘର ସମ୍ମୁଖରେ ପରିସ୍ରା କରିବା ଲାଗି ଉଦ୍ୟତ ହେଉଥିବା ଦେଖିବାକୁ ପାଇଥିଲେ। ତେଣୁ ସେଠାରେ ପରିସ୍ରା ନ କରିବାକୁ ଅଜୟ ସେମାନଙ୍କୁ ବାରଣ କରିଥିଲେ। ହେଲେ ସେମାନେ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ବାପାଙ୍କୁ ଗାଳି କରୁଥିବା ଦେଖି ପୁଅ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ହଠାତ ଏକ ଲୁହାଛଡ଼ରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ତାଙ୍କୁ ବଞ୍ଚାଇବା ଲାଗି ଯାଇଥିବା ଅନ୍ୟଜଣେ ଯୁବକ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ପୁଲିସ ବାପିକୁ ଗିରଫକରି କୋର୍ଟ ଚାଲାଣ କରିଛି।

## ଅଟୋ ଚୋରି ଘଟଣାରେ ଆଉଜଣେ ଗିରଫ

ଭୁବନେଶ୍ୱର, ୬।୩ (ସମିସ): ଅଟୋ ଚୋରି କରିଥିବା ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଥାନା ଅଞ୍ଚଳର ବିଷ୍ଣୁ ସିଂହ (୪୯)। ପୁଲିସ ସୂଚନା



ଅନୁସାରେ, ଗତବର୍ଷ ମେ ମାସ ୧୬ ତାରିଖ ଦିନ ଅଟୋ ଚାଳକ ଜିତେନ୍ଦ୍ର ସ୍ୱାଇଁ ପୁଅର ଚିକିତ୍ସା ପାଇଁ ସମ୍ ହସ୍ପିଟାଲକୁ ଯାଇଥିବା ବେଳେ ହସ୍ପିଟାଲ୍ ନିକଟରେ ଅଟୋକୁ ପାର୍କିଂ କରିଥିଲେ। ସେହି ସମୟରେ ବିଷ୍ଣୁ, ଜିଆଦ, ସୁଧୀର ଓ ଅଲ୍ଲୀ ମିଶି ତାଙ୍କ ଅଟୋକୁ ଚୋରି କରି ନେଇଥିଲେ। ଏନେଇ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ଜିଆଦ, ସୁଧୀର ଓ ଅଲ୍ଲୀକୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ଅଟୋ ଜବତ କରିଥିଲେ। ସେମାନେ ବିଷ୍ଣୁ ଠାରୁ ଅଟୋଟିକୁ କିଣିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବୁଧବାର ବିଷ୍ଣୁକୁ ଗିରଫ କରି ତା ହେପାଜତରୁ ଆଉ ଗୋଟିଏ ଅଟୋ ଜବତ କରିଥିଲେ। ଜବତ ହୋଇଥିବା ଅଟୋଟି ସେ ଖୋର୍ଦ୍ଧା ହସ୍ପିଟାଲ କ୍ୟାମ୍ପସ୍ ପରିସରରୁ ଚୋରା କରିବା ପରେ ଉକ୍ତ ତା'ର ପଞ୍ଜୀକରଣ ନମ୍ବର ବଦଳାଇ ବ୍ୟବହାର କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଏଥିସହିତ ସେ ଗତ ଫେବୃୟାରୀ ମାସରେ ସମ୍ ହସ୍ପିଟାଲ୍ ନିକଟରୁ ଆଉ ଗୋଟିଏ ଅଟୋ ଚୋରି କରିଥିବା ଜାଣିବାକୁ ପାଇଛି ପୁଲିସ।

## ପତ୍ନୀଙ୍କୁ ଇଟାରେ ଆକ୍ରମଣ କରି ସ୍ୱାମୀ ଗିରଫ

ଭୁବନେଶ୍ୱର, ୬।୩ (ସମିସ): ପତ୍ନୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ରଘୁନାଥ ନଗରର ଟୁଟୁ ପ୍ରଧାନ (୩୫)। ପୁଲିସ ସୂଚନା ଅନୁସାରେ, ଟୁଟୁ କିଛିବର୍ଷ ପୂର୍ବେ ସ୍ଥାନୀୟ ଅଞ୍ଚଳରେ ବିବାହ କରିଥିଲେ। ବିବାହ ପରଠାରୁ ଟୁଟୁ ଅଧିକ ଯୌତୁକ ଦାବିକରିବା ସହିତ ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପତ୍ନୀ ନିଜ କର୍ମସ୍ଥଳରୁ ଘରକୁ ଫେରୁଥିବା ବେଳେ ଟୁଟୁ ତାଙ୍କୁ ରାସ୍ତାରେ ଅଟକାଇବା ସହିତ ତାଙ୍କୁ ଅଶ୍ଲୀଳ ଭାଷାରେ ଗାଳି କରିଥିଲା। ବିରୋଧ କରିବାରୁ ଟୁଟୁ ଉତ୍କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଏକ ଇଟାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ପତ୍ନୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଟୁଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୋଟିଏ ଟଙ୍କାର ଗହଣା ନେଇ କର୍ମଚାରୀ ଚମ୍ପଟ

ଭୁବନେଶ୍ୱର, ୬।୩ (ସମିସ): ରାଜଧାନୀର ଏକ ଗହଣା ଦୋକାନରୁ କୋଟିଏ ଟଙ୍କାର ସୁନା ଅଳଙ୍କାର ଚୋରି ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ଦୋକାନର କର୍ମଚାରୀ ଅଳଙ୍କାର ଚୋରି କରିଥିବା ନେଇ ଦୋକାନର ମାଲିକ ଶରତ ଚନ୍ଦ୍ର ପାତ୍ର କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାପୁଜୀ ନଗରରେ ଥିବା ଗୀତା ଜୁଏଲାରୀରେ ଫେବୃୟାରୀ ମାସ ୭ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଷ୍ଟକ୍ ଯାଞ୍ଚ ପ୍ରକ୍ରିୟା ହୋଇଥିଲା। ୧୯୭ଟି ସୁନା କାନଫୁଲ, ୧୦ଟି





ସୁନା ଲକେଟ୍, ୬ଟି ସୁନା ହାର, ଗୋଟିଏ ସୁନା ବ୍ରେସଲେଟ୍ ଚୋରି ହୋଇଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା। ପୁଣି ଥରେ ଯାଞ୍ଚ କରାଯିବା ପରେ ମଧ୍ୟ କର୍ତ୍ତୃପକ୍ଷ ସମାନ କଥା ଜାଣିବାକୁ ପାଇଥିଲେ। ତେବେ ସୁନା ଦୋକାନରେ ମୋଟ ୧୦ ଜଣ କର୍ମଚାରୀ କାମ କରୁଥିବାବେଳେ ୧୦ ବର୍ଷ ହେବ ସେଲ୍ସ ମ୍ୟାନ ଭାବେ କାମ କରୁଥିବା ଲକ୍ଷ୍ମୀସାଗରର ସନ୍ତୋଷ ନାୟକ ଗତମାସ ୭ ତାରିଖ ଠାରୁ ଦୋକାନକୁ ଆସୁ ନ ଥିବାରୁ ତାଙ୍କ ଉପରେ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ଏମିତିକି ସନ୍ତୋଷଙ୍କ ମୋବାଇଲ୍ ଫୋନ୍ ମଧ୍ୟ ସୁଇଚ ଅଫ୍ ରହିଛି। ଗ୍ରାହକମାନଙ୍କୁ ସୁନା କାନଫୁଲ, ବ୍ରେସ୍ଲେଟ, ମଙ୍ଗଳସୂତ୍ର ଓ ଲକେଟ୍ ଦେଖାଇବା ଓ ବିକ୍ରି କରିବା ଦାୟିତ୍ୱରେ ମୋଟ ୩ ଜଣ କର୍ମଚାରୀ ରହିଛନ୍ତି। ସେଥିମଧ୍ୟରୁ ସନ୍ତୋଷ ହିଁ ଦୋକାନକୁ ଆସୁ ନ ଥିବା ବେଳେ ତାଙ୍କ ମୋବାଇଲ୍ ବନ୍ଦ ରହିବା ଘଟଣାକୁ ଆହୁରି ରୋଚକ କରିଛି। ମୋଟ ଦେଢ଼ କିଲୋରୁ ଅଧିକ ଓଜନର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଜୁଏଲାରୀ ପକ୍ଷରୁ କ୍ୟାପିଟାଲ୍ ଥାନାରେ ଏତଲା ଦିଆଯାଇଛି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କର୍ମଚାରୀ ସନ୍ତୋଷ କୁମାର ନାୟକ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଝରଣା ସାହିରେ ଛୁରିଭୁସି ମହିଳାଙ୍କୁ ହତ୍ୟା ଘଟଣା

# ଏକତରଫା ପ୍ରେମକୁ ନେଇ ଗଡ଼ିଥିଲା ମୁଣ୍ଡ

ଭୁବନେଶ୍ୱର, ୬।୩ (ସମିସ):

ମହିଳାଙ୍କୁ ପ୍ରେମ ନିବେଦନ କରିବା ସହ ବିବାହ ପାଇଁ ଜିଦ୍ କରିଥିଲା। ମହିଳା ରାଜି ନ ହେବାରୁ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଯୋଜନା କରିଥିଲା କାଠମିସ୍ତ୍ରି। ଶେଷରେ ଏକତରଫା

- ସପ୍ତାହେ ପରେ ଖୋର୍ଦ୍ଧାରୁ ଧରାପଡ଼ିଲା ବିଫଳ ପ୍ରେମିକ
- ମୃତ୍ୟୁପୂର୍ବରୁ ଜମାନବନ୍ଦୀ ନେଇଛି କମିସନରେଟ୍ ପୁଲିସ
- ହତ୍ୟାକାଣ୍ଡର ଡେମୋ ଦେଖାଇଲା ଅଭିଯୁକ୍ତ
- ହତ୍ୟାରେ ବ୍ୟବହୃତ ବଟାଳି ଡଷ୍ଟବିନ୍‌ରୁ ଜବତ

ପ୍ରେମରୁ ମହିଳାଙ୍କୁ ହତ୍ୟା କରିଥିଲା ବିଫଳ ପ୍ରେମିକ। ଶିଶୁଭବନ ଛକ ନିକଟ ଝରଣା ସାହି ଦୀପିକା ରଞ୍ଜିତଙ୍କ ହତ୍ୟା ମାମଲାରେ ରହସ୍ୟ ହଟିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ରହିଥିବା ବିଫଳ ପ୍ରେମିକକୁ ସପ୍ତାହେ ପରେ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁରର ତିର୍ତ୍ତୋଲର ନନ୍ଦ କିଶୋର ଓଝା ଓରଫ କାହ୍ନା (୩୪)। କାହ୍ନା ମତେ ମାରିଦେଲା...। ମୋ ପେଟରେ ଛୁରି ଭୁସି ଏଇବାଟରେ ପଳାଇଲା...। ମୃତ୍ୟୁ ପୂର୍ବରୁ ଦୀପକା ଅଭିଯୁକ୍ତ କାହ୍ନାର ନାମ ନେଇଥିଲା। ତାଙ୍କ ପେଟରେ କାହ୍ନା ଛୁରି ଭୁସିଥିବା କଥା ସ୍ଥାନୀୟଲୋକଙ୍କୁ ବି କହିଥିଲା। ଏମିତିକି ଦୀପିକାଙ୍କ ମୃତ୍ୟୁ ପୂର୍ବରୁ ଜମାନବନ୍ଦୀ ରେକର୍ଡ କରିଛି କମିସନରେଟ ପୁଲିସ। କାହ୍ନା ବିରୋଧରେ ଠୋସ୍ ପ୍ରମାଣ ମଧ୍ୟ ଯୋଗାଡ଼ କରାଯାଇଛି। ମୃତ୍ୟୁ ପୂର୍ବରୁ ଦୀପିକା ଅଭିଯୁକ୍ତ ନାମ ନେଇଥିବାରୁ ତାକୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରାଇବାରେ ପୁଲିସ ଲାଗି ସହଜ ହେବ। ଏଥିସହ ସାଇଣ୍ଟିଫିକ୍ ପ୍ରମାଣ ସହ ପ୍ରତ୍ୟକ୍ଷଦର୍ଶୀଙ୍କର ବୟାନ ନିଆଯାଇଛି ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେଭଳି ଦୀପିକାଙ୍କୁ କେମିତି ମାରିଥିଲା, କ'ଣ ପାଇଁ ମାରିଥିଲା ତା'ର ଡେମୋ ମଧ ଦେଖାଇଛି କାହ୍ନା। ଘଟଣାସ୍ଥଳକୁ ନେଇ କ୍ରାଇମସିନ୍ ରି-କ୍ରିଏସନ କରାଯାଇଛି। ସେଭଳି ଦୀପିକାଙ୍କୁ ହତ୍ୟାରେ ବ୍ୟବହୃତ ବଟାଳିକୁ ଡଷ୍ଟବିନ୍‌ରେ ଜବତ କରାଯାଇଛି।

### କାଠମିସ୍ତ୍ରିର ପ୍ରେମ କାହାଣୀ

ମୃତ ଦୀପିକାଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ। ସେ କୁଞ୍ଜବିହାରୀ ଦତ୍ତଙ୍କୁ ବିବାହ କରିବା ପରେ ଭୁବନେଶ୍ୱର ଆସିଥିଲେ। ଗଲା ୫ବର୍ଷ ହେବ ଉଭୟ ଦମ୍ପତି ଓ ତାଙ୍କର ଏକ ଶିଶୁକନ୍ୟା ସହ ଭୁବନେଶ୍ୱର ଝରଣା ସାହିରେ ରହୁଥିଲେ। ଦୀପିକା ସେଠାରେ ଗୋଟିଏ ଦୋକାନ କରିଥିଲେ। ଆଉ ଦୀପିକାଙ୍କ ଦୋକାନରୁ ଯାହା ରୋଜଗାର ହେଉଥିଲା, ସେଥିରେ ଚଳୁଥିଲା ପୂରା ପରିବାର। ତାଙ୍କ ସ୍ୱାମୀ କୁଞ୍ଜବିହାରୀ ବାପୁଜୀ ନଗରରେ ଗୋଟିଏ ମୋବାଇଲ ଦୋକାନ କରିବା ପାଇଁ ଯୋଜନା କରୁଥିଲେ। ସେଇ ଦୋକାନର ଇଣ୍ଟେରିୟର କାମ କରିବା ଲାଗି



କାଠମିସ୍ତ୍ରି କାହ୍ନାକୁ ଡକାଯାଇଥିଲା। ଏହାରି ଭିତରେ ଦୀପିକାଙ୍କ ସହ ପରିଚିତ ହୋଇଥିଲା କାହ୍ନା। ପରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ବହୁ ସମୟ ଧରି କଥାବର୍ତ୍ତା ହେଉଥିଲେ। ଏହାରି ଭିତରେ ଦୀପିକାଙ୍କୁ ଏକତରଫା ଭଲ ପାଉଥିଲା କାହ୍ନା। ୨୦ଦିନ ପ୍ରେମରେ ଉବୁଟୁବୁ ହେବା ପରେ କାହ୍ନା ଶେଷରେ ଦୀପିକାଙ୍କୁ ପ୍ରେମ ନିବେଦନ କରିଥିଲା। ସେ ବିବାହ ଲାଗି ଦୀପିକାଙ୍କୁ ପ୍ରସ୍ତାବ ଦେଇଥିଲେ। କାହ୍ନା ବିବାହ ଲାଗି ବାରମ୍ବାର ଚାପ ପକାଇବା ପରେ ବ ଦୀପିକା ଏଥିରେ ରାଜି ହୋଇ ନ ଥିଲେ। ବିବାହ ଲାଗି ଦୀପିକା ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା।

### ହତ୍ୟା ପରେ ବ୍ରହ୍ମପୁର ଚମ୍ପଟ୍

ଦୀପିକାଙ୍କ ପେଟରେ ବଟାଳି ଭୁସିବା ପରେ କାହ୍ନା ସେଇ ସ୍ଥାନରୁ ଖସି ପଳାଇଥିଲେ। ନିକଟରେ ଥିବା ଏକ ଡଷ୍ଟବିନ୍‌ରେ ହତ୍ୟାରେ ବ୍ୟବହୃତ ବଟାଳିକୁ ଫୋପାଡ଼ି ଦେଇଥିଲେ। ଝରଣା ସାହିରୁ ଷ୍ଟେସନ ଆସି ଟ୍ରେନ୍ ଯୋଗେ ବ୍ରହ୍ମପୁର ପଳାଇଥିଲା। କାହ୍ନାର ସମ୍ପର୍କୀୟ ଓ ବନ୍ଧୁମାନେ ରହୁଥିବା ଗଞ୍ଜାମକୁ ଯାଇଥିଲା। ସେଠାରେ ଦୁଇଦିନ ରହିବା ପରେ ଧରାପଡ଼ିଯିବା ଭୟରେ ସ୍ଥାନ ବଦଳାଉଥିଲା। ପୁଲିସ ଧରିବା ଲାଗି ଅନବରତ ପିଛା କରୁଥିବାରୁ ସେ ଟ୍ରେନ୍ ଯୋଗେ ପୁଣି ଖୋର୍ଦ୍ଧାକୁ ପଳାଇ ଆସିଥିଲା। ସେ ଖୋର୍ଦ୍ଧା ସାରୁଅ କୁବୁସାହିରେ ଥିବା ସମ୍ପର୍କୀୟଙ୍କ ଏକ କାରଖାନାରେ ଲୁଚି ରହିଥିଲା। ଘଟଣାର ପ୍ରଥମ ଦିନରୁ କାହ୍ନା ଅଭିଯୁକ୍ତ ବୋଲି ଚିହ୍ନଟ ହୋଇଯାଇଥିଲା। ସେ ଗିରଫଦାରୀରୁ ବର୍ତ୍ତିବା ଲାଗି ସମ୍ପର୍କୀୟ କିମ୍ବା ବନ୍ଧୁଙ୍କ ଘରେ ଆତ୍ମଗୋପନ କରୁଥିବା ପୁଲିସ ସନ୍ଦେହ କରିଥିଲା। ସେଇ ଆଧାରରେ କାହ୍ନାର ଫୋନ୍ ଟ୍ରାକିଂ କରି ଖୋର୍ଦ୍ଧାର ଏକ କାରଖାନାରୁ ଗିରଫ କରାଯାଇଛି।

### 'ମୋର ନୁହେଁ ତ କାହାର ନୁହେଁ'

ବିବାହ ଲାଗି ଦୀପିକା ଏକାଧିକ ଥର ମନା କରିବା ପରେ ରକ୍ତମୁଖା ହୋଇଯାଇଥିଲା କାହ୍ନା। ଦୀପିକାଙ୍କୁ ରାସ୍ତାରୁ ହଟାଇବାକୁ ଲାଗି କାହ୍ନା ରଚିଥିଲା ସୁପରିକଳ୍ପିତ ଷଡ଼ଯନ୍ତ୍ର। କାଠ କାର୍ଯ୍ୟରେ ବ୍ୟବହାର କରୁଥିବା ବଟାଳିକୁ ସାଥୀରେ ନେଇ ଦୀପିକାଙ୍କ ନିକଟକୁ ଆସିଥିଲା। ଗତ ୨୭ ତାରିଖ ସନ୍ଧ୍ୟାରେ ଦୀପିକା ବାପୁଜୀନଗର ସ୍ଥିତ ଦୋକାନରୁ ଘରକୁ ଫେରୁଥିଲେ। ଘର ନିକଟରେ ଥିବା ଏକ ନିଛାଟିଆ ସ୍ଥାନକୁ ଦୀପିକାଙ୍କୁ ଡାକିଥିଲା। ପୁନର୍ବାର ଦୀପିକାଙ୍କୁ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରି ପଳାଇବାକୁ କହିଥିଲା। ଏହି ପ୍ରସ୍ତାବରେ ଦୀପିକା ରାଜି ନ ହେବାରୁ କାହ୍ନା ଛୁରି ଭୁସି ହତ୍ୟା କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୀପିକାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ପରଦିନ ଚିକିତ୍ସାଧୀନ ଅବସ୍ଥାରେ ଦୀପିକାଙ୍କ ମୃତ୍ୟୁ ହୋଇଯାଇଥିଲା।

■ ଖଣ୍ଡଗିରି ମେଳାରୁ ମୋବାଇଲ୍ ଚୋରି

## ଜଣେ ଗିରଫ; ୬ ମୋବାଇଲ୍ ଜବତ

ଭୁବନେଶ୍ୱର, ୬।୩ (ସମିସ): ଖଣ୍ଡଗରି ମେଳାରୁ ମୋବାଇଲ୍ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫକରି କୋର୍ଟ





ଚାଲାଣ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡେଲ୍‌ଟା ରଙ୍ଗଣୀ ସାହିର ଶିବରାମ ଗୌଡ଼ ଓରଫ୍ ବାପୁନି (୨୬)। ପୁଲିସ ସୂଚନା ଅନୁସାରେ, କଣାସ ଥାନା ଅଁଳାଯୋଡ଼ି ଗାଁର ତପସ୍ୱିନୀ ଦାସ ଗତମାସ ୨୫ ତାରିଖରେ ଖଣ୍ଡଗିରି ମେଳା ବୁଲିବାକୁ ଆସିଥିଲେ। ସେହି ସମୟରେ ବାପୁନି ତାଙ୍କୁ ପଛରୁ ଏକ ଶକ୍ତ ଧକ୍କା ପକାଇବା ସହିତ ତାଙ୍କ ନିକଟରୁ ତାଙ୍କ ମୋବାଇଲ ଫୋନ୍‌କୁ ଚୋରି କରି ନେଇଥିଲା। ଏ ନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ବୁଧବାର ବାପୁନି କେତେଗୁଡ଼ିଏ ଚୋରା ମୋବାଇଲ ଫୋନ୍‌କୁ କମ ଦରରେ ବିକ୍ରି କରିବା ଲାଗି ଜାଗମରା ଛକ ନିକଟରେ ଗ୍ରାହକ ସନ୍ଧାନରେ ଥିବା ପୁଲିସକୁ ଖବର ମିଳିଥିଲା। ପୁଲିସ ଟିମ୍ ସେଠାରେ ଚଢ଼ଉ କରି ବାପୁନିକୁ ଗିରଫ କରିବା ସହିତ ତା' ଠାରୁ ୬ଟି ଚୋରା ମୋବାଇଲ ଜବତ କରିଥିଲା। ସେ ମୋବାଇଲ ଫୋନଗୁଡ଼ିକୁ ଖଣ୍ଡଗିରି ମେଳାରୁ ଚୋରି କରି ଆଣିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ବାପୁନି ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ୪ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ପିଶାଚ ସଜାଉଛି 'ଏକତରଫା ପ୍ରେମ'

ଭୁବନେଶ୍ୱର, ୬।୩ (ସମିସ): ପ୍ରେମକୁ ନେଇ କେତେ ଚଳଚ୍ଚିତ୍ର, ସଂଳାପ, ବହି ଓ କବିତା ଆଦି ରହିଛି। ପ୍ରେମକୁ ସ୍ମୃତିକରି ରଖିବା ଲାଗି କିଏ ପ୍ରେମିକାକୁ ତାଜମହଲ ଉପହାର ଦେଇଛି ତ ଆଉ କିଏ ଅବିକଳ ମୂର୍ତ୍ତି ଗଢ଼ିଛି। କିନ୍ତୁ ଆଜି ଦିନରେ ଏକତରଫା ପ୍ରେମ ଭୟାନକ ଆଡ଼କୁ ଗତିକରୁଛି। ଶିକ୍ଷିତ ସମାଜ ଏକତରଫା ପ୍ରେମରେ ବିଫଳ ହେଲେ ଘଟାଉଛି ନାରକୀୟ କାଣ୍ଡ। ରାଜଧାନୀରେ ଏକତରଫା ପ୍ରେମକୁ ନେଇ ହତ୍ୟା ନୂଆ ଧାରା ପାଲଟିଗଲାଣି। 'ତୁ ମୋର ନୁହେଁ ତ ଆଉ କାହାର ନୁହେଁ' ନାରାରେ ପ୍ରେମିକ ହୁଅନ୍ତୁ ଅବା ପ୍ରେମିକା ପିଶାଚ ପାଲଟିଯାଉଛନ୍ତି। ଏକତରଫା ପ୍ରେମରେ ବିଫଳ ହେଲେ ହତ୍ୟା କରିବାକୁ ପଛାଉନାହାନ୍ତି। କିଏ ବିବାହିତ ମହିଳାଙ୍କ ପ୍ରେମରେ ଉବୁଟୁବୁ ହେଉଛି ତ ଆଉ କିଏ ବୟସ ଠାରୁ ବଡ଼ ଯୁବତୀଙ୍କୁ ବିବାହ କରିବା ଲାଗି ଜିଦ୍ କରୁଛି। ପ୍ରେମରେ ଧୋକା ଖାଇବା ପରେ ରକ୍ତମୁଖା ହୋଇଯାଉଛି ଧୋକାଖିଆ ଯୁବକ। ଏହିଭଳି ଭାବେ ରାଜଧାନୀରେ ଅନେକ ଏକତରଫା ପ୍ରେମକୁ ନେଇ ହତ୍ୟା ଘଟିଛି।

### ଘଟିଥିବା କିଛି ଘଟଣାବଳୀ

ବାଲିପାଟଣା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ରାଜକିଶୋର ଦାସ ନାମକ ଜଣେ ଯୁବକ ଏକତରଫା ପ୍ରେମ କରୁଥିଲା। ଯୁବତୀଙ୍କ ଭାଇ ଆଶିଷ ଓଝା ଏହାକୁ ବିରୋଧ କରିବାରୁ ତାଙ୍କୁ ୩ ଜଣ ଯୁବକ ଚକ୍ଷିଚିପି ହତ୍ୟା କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ରାଜକିଶୋର ସମେତ ରାକେଶ ସେଠୀ ଓ ଦୁର୍ଯ୍ୟୋଧନ ବେହେରାଙ୍କୁ ପୁଲିସ ଗିରଫ କରିଥିଲା।

ଏକତରଫା ପ୍ରେମକୁ କେନ୍ଦ୍ରକରି ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କୁ ପ୍ରେମିକ ଜଗନ୍ନାଥ ପ୍ରଧାନ ବୀଭତ୍ସ ଭାବେ ହତ୍ୟା କରିଥିଲା। ଜଗନ୍ନାଥ ପ୍ରଧାନ କଲେଜ ପଢ଼ିବା ସମୟରେ ପ୍ରିୟଙ୍କାଙ୍କୁ ପ୍ରେମ କରୁଥିଲା। ହେଲେ ପ୍ରିୟଙ୍କା ଅନ୍ୟ ଜଣଙ୍କୁ ବିବାହ କରିବା ସହ ତାଙ୍କର ଏକ ପୁତ୍ର ସନ୍ତାନ ମଧ୍ୟ ହୋଇଥିଲା। ପରେ ଜଗନ୍ନାଥ ତାଙ୍କୁ ଏକତରଫା ପ୍ରେମ କରିବା ସହ ବିବାହ ଲାଗି ଜିଦ୍ ଧରିଥିଲା। ଏହାକୁ ପ୍ରିୟଙ୍କା ବିରୋଧ କରିବାରୁ ଜଗନ୍ନାଥ ତାଙ୍କୁ ହତ୍ୟା କରିଥିଲା।

ଏକତରଫା ପ୍ରେମ କରିଥିଲା ବାଲେଶ୍ୱର ପର୍ଶୁରାମ ବିଶ୍ୱାଳ। ସେ ମନା କରିବାରୁ ତାଙ୍କ ଘରେ ପଶି ଛୁରିରେ ଆକ୍ରମଣ କରିଥିଲା। ଏପରିକି ଯୁବତୀଙ୍କ ଘରେ ଦୀର୍ଘ ଘଣ୍ଟା ବନ୍ଦୀ କରି ରଖିଥିଲା। ପରେ ପୁଲିସ କୌଶଳକ୍ରମେ ଯୁବତୀଙ୍କୁ ଉଦ୍ଧାର କରିବା ସହ ପର୍ଶୁରାମକୁ ଗିରଫ କରିଥିଲା।

ଖୋର୍ଦ୍ଧାର ସୌମ୍ୟରଞ୍ଜନ ପରିଡ଼ା ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ହେଲେ ଯୁବତୀ ଜଣକ ଆଉ ଗୋଟିଏ ପୁଅକୁ ଭଲ ପାଉଥିଲେ। ଏଣୁ ସୌମ୍ୟରଞ୍ଜନ ଟ୍ରେନ୍ ଆଗକୁ ଡେଇଁ ଲାଇଭ୍ ସୁଇସାଇଡ୍ କରିଥିଲେ। ପରଦିନ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ଠାବ ହୋଇଥିଲା।

ଜଣେ ବିବାହିତ ମହିଳାଙ୍କୁ ଏକତରଫା ପ୍ରେମକରି ବନ୍ଧା ହୋଇଥିଲେ କଲେଜ ପଢ଼ୁଆ ଛାତ୍ର। ମହିଳା ତାଙ୍କ ପ୍ରେମରେ ରାଜି ନ ହେବାରୁ ତାଙ୍କୁ ଆକ୍ରମଣ କରିବା ସହ ମାନସିକ ନିର୍ଯାତନା ଦେଇଥିଲେ। ପରେ ବିଶ୍ୱଜିତ ରାଉତରାୟଙ୍କୁ କ୍ୟାପିଟାଲ୍ ଥାନା ପୁଲିସ ଗିରଫ କରିଥିଲା।

ଧଉଳି ଥାନା ଅଧୀନ ବାଲିଆପଡ଼ା ଗାଁର ରୂପାଲି ବେହେରାଙ୍କୁ ତପୁନି ନାୟକ ନାମକ ଜଣେ ଯୁବକ ପ୍ରେମ ନିବେଦନ କରିଥିଲା। କିନ୍ତୁ ଯୁବତୀ ବାରଣ କରିବାରୁ ତପୁନି ରାଗିଯାଇ ଏସିଡ୍ ମାଡ଼ କରିଥିଲା। ପରେ ତପୁନିକୁ ପୁଲିସ ଗିରଫ କରିଥିଲା।

## ରେଳ ଧାରଣାରୁ ଅଜଣା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୬।୩ (ସମିସ): ଭୁବନେଶ୍ୱର ପ୍ଲାଟଫର୍ମ ନିକଟ ରେଳ ଧାରଣାରୁ ମଙ୍ଗଳବାର ରାତିରେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଭୁବନେଶ୍ୱର ଜିଆରପି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ



ରଖାଯାଇଛି। ସୂଚନା ଅନୁସାରେ, ବୁଧବାର ରାତି ପ୍ରାୟ ୯ଟା ସମୟରେ ରେଳ ଧାରଣାରେ ଏକ ମୃତଦେହ ପଡ଼ିଥିବା ନେଇ ଜିଆରପିକୁ ଖବର ମିଳିଥିଲା। ପୁଲିସର ଏକ ଟିମ୍ ରନିଂ ରୁମ ସାମ୍ନାରେ ପହଞ୍ଚିଥିଲା। ଭୁବନେଶ୍ୱର ପ୍ଲାଟଫର୍ମ ଠାରୁ କଟକ ଆଡ଼କୁ ପ୍ରାୟ ୨୦୦ ମିଟର ଦୂରରେ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା। ଯୁବକଙ୍କ ଶରୀର ଛାତି ନିକଟରୁ ଦୁଇ ଖଣ୍ଡ ହୋଇ ଯାଇଥିବା ଦେଖିବାକୁ ପାଇଥିଲେ। ସେ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ନାଲି ରଙ୍ଗର ଏକ ଟି ସାର୍ଟ ପିନ୍ଧିଥିଲେ। ଜିଆର୍ପି ପ୍ରଦୀପ ସେବା ଟ୍ରଷ୍ଟ ସହାୟତାରେ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍‌ପିଟାଲକୁ ପଠାଇଥିଲା। ଏପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ।




## ଭୁବନେଶ୍ୱର ସିଟି





# ଜାଗର ପାଇଁ ସଜେଇ ହେଲାଣି ଏକାମ୍ର କ୍ଷେତ୍ର

## ମୁମ୍ବାଇ ଶିଳ୍ପୀଙ୍କ କଣ୍ଠରେ ଭକ୍ତିମୟ ହେବ ପରିବେଶ

**ମହା ଶିବରାତ୍ରିକୁ ଆଉ ମାତ୍ର ଗୋଟିଏ ଦିନ ବାକି ରହିଲା। ତେଣୁ ଏବେଠାରୁ ପୁରୁଣା ଭୁବନେଶ୍ୱର ସମେତ ଏକାମ୍ର କ୍ଷେତ୍ରରେ ଉତ୍ସବର ମାହୋଲ ସୃଷ୍ଟି ହେଲାଣି। ଭଳିକି ଭଳି ଆଲୋକମାଳାରେ ଲିଙ୍ଗରାଜ ମନ୍ଦିର ସୁସଜ୍ଜିତ ହେଲାଣି। ସେହିଭଳି ବିଏମ୍‌ସି ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଅନ୍ୟାନ୍ୟ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଜୋର୍‌ସୋର୍ ଭାବେ ଆଗେଇ ଚାଲିଛି। ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଓ ସଫେଇ ପାଇଁ ପ୍ରସ୍ତୁତ ହୋଇଛି ବିଏମ୍‌ସି।**

ଭୁବନେଶ୍ୱର, ୬।୩(ସମିସ): ପ୍ରତିବର୍ଷ ପରି ଏଥର ମଧ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୩୫ତମ ଭଜନ ସମାରୋହ ଆୟୋଜନ କରାଯାଉଛି। ଏଥିରେ ପୁଣି ଯୋଗ ଦେବେ ଭାରତର ଖ୍ୟାତନାମା ଭଜନ ଗାୟିକା କଣ୍ଠଶିଳ୍ପୀ ଅନୁରୋଧ ପୌଡୱାଲା। ମୁମ୍ବାଇର ଖ୍ୟାତନାମା କଳାକାର ହେମନ୍ତ ବ୍ରିଜୱାସି, ହୋସିୟାର ସିଂ, ଚେତନ ବ୍ରିଜୱାସି, ପୁନମ୍ ଭାଟିଆ, ଲୋପିତା ମିଶ୍ର ସାମିଲ ହେବେ। ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶାର ୩୦ରୁ ଊର୍ଦ୍ଧ୍ୱ ଖ୍ୟାତନାମା କଳାକାର ଯୋଗଦେବେ। ବୁଧବାର ଶ୍ରୀଲିଙ୍ଗରାଜ ଲାଇବ୍ରେରୀ ହଲ୍‌ଠାରେ ଅନୁଷ୍ଠିତ ସମ୍ମିଳନୀରେ ସଭାପତି ତଥା ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ପାଦକ ସନତ ମିଶ୍ର ଏହି ସୂଚନା ଦେଇଛନ୍ତି। ମହାଶିବରାତ୍ରି ଦିନ ଲିଙ୍ଗରାଜ ଭଜନ ମଣ୍ଡପରେ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ର ନାମ, ଭାଗବତ ଗୀତାପାଠ, ଶିବ ଚେତନା, ହରିହର ଭଜନ, ରାମ ଚରିତ ମାନସ ପରାୟଣ, ପ୍ରବଚନ ପରେ ସନ୍ଧ୍ୟା ୭ଟାରୁ ଭୋର ୫ଟା ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଭଜନ ସମାରୋହ ହେବ। ଏହି ଉତ୍ସବରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଶିବାନନ୍ଦ ରାୟ, ରଶ୍ମୀ ମହାପାତ୍ର, ରତିକାନ୍ତ ମହାସୁଆର, ପ୍ରଦ୍ୟୁମ୍ନ ମହାନ୍ତି, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ତପନ ମହାସୁଆର, ମୁଖପାତ୍ର ଲିଙ୍ଗରାଜ ସାହୁ, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାଢ଼େ ୧୦ଟାରେ ଶ୍ରୀବ୍ରହ୍ମେଶ୍ୱରଙ୍କ ମହାଦୀପ

ଟଙ୍କପାଣି ରୋଡ୍ ବ୍ରହ୍ମେଶ୍ୱର ପାଟଣାସ୍ଥିତ ପ୍ରସିଦ୍ଧ ଶ୍ରୀବ୍ରହ୍ମେଶ୍ୱର ମନ୍ଦିର ପୀଠରେ ପବିତ୍ର ମହା ଶିବରାତ୍ରି ଓ ଜାଗର ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହେବ। ମହାଶିବରାତ୍ରି ଉପଲକ୍ଷେ ଏଠାରେ ବହୁ ଜନ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମନ୍ଦିରର କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ଭୋର ୩ଟାରୁ ଦ୍ୱାରଫିଟା ନୀତିଠାରୁ ଆରମ୍ଭ କରି ବିଭିନ୍ନ ନୀତି ସମାପନ ପରେ ସକାଳ ୬ଟାରେ ସାହାଣମେଲା ଦର୍ଶନ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହେବ। ପରେ ପରେ ସକାଳ ୧୦ଟା ପର୍ଯ୍ୟନ୍ତ ବେଦ ପାଠ କରାଯିବ। ଲୋକନାଥ ରୋଡ, ପୁରୀସ୍ଥିତ ଶ୍ରୀରାମଚନ୍ଦ୍ର ସ୍ୱାମୀ ବେଦ ବିଦ୍ୟାଳୟରୁ ପଣ୍ଡିତ ଦେବେନ୍ଦ୍ର କୁମାର ଦ୍ୱିବେଦୀ ଏବଂ ତାଙ୍କର ୫ଜଣ ସହଯୋଗୀ ବେଦପାଠ କରିବେ। ସେହିପରି ମଧ୍ୟାହ୍ନରେ ରୋଷ ହୋମ ଆଦି ନୀତି ପରେ ଅପରାହ୍ନ ୩ ଟା ଓ ସନ୍ଧ୍ୟା ୫ଟା ୩୦ରେ ସାହାଣମେଳା ଦର୍ଶନ ପାଇଁ ସ୍ଥିରୀକୃତ ହୋଇଛି। ସେହିପରି ସନ୍ଧ୍ୟାରେ ବିଭିନ୍ନ ନୀତି ପରେ ରାତି ସାଢ଼େ ୧୦ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ମହାଶିବରାତ୍ରି ଓ ଜାଗର ଯାତ୍ରା ଉପଲକ୍ଷେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଏଠାରେ ସନ୍ଧ୍ୟାରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭଜନ ସମାରୋହ ହେବ। ସେଦିନ ସନ୍ଧ୍ୟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ବିଭିନ୍ନ ସ୍ୱନାମଧନ୍ୟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ଏଥିରେ ମୁମ୍ବାଇର ସୁନାମଧନ୍ୟ କଣ୍ଠଶିଳ୍ପୀ ଅନନ୍ତ ଭରଦ୍ୱାଜ, ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ ସମେତ ଆଦର୍ଶ, ଊର୍ମି, ତୃପ୍ତି ନାୟକ, ସତ୍ୟବ୍ରତ ମଲ୍ଲିକ ପ୍ରମୁଖ ବହୁ କଣ୍ଠଶିଳ୍ପୀ ଯୋଗଦାନ କରି ଭଜନ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟ ବିଜ୍ଞାନ ଓ ବୈଷୟିକ, ସାମାଜିକ ଓ ଭିନ୍ନକ୍ଷମ ସଶକ୍ତୀକରଣ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତାସ୍ମିଗ୍ଧା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବା ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ମନ୍ଦିରର ପରିଚାଳନା ଟ୍ରଷ୍ଟି କାହ୍ନୁ ଚରଣ ସାମନ୍ତରାୟ, ଟ୍ରଷ୍ଟର ସାଧାରଣ ସମ୍ପାଦିକା ପୁଷ୍ପା ଦାସଙ୍କ ସମେତ ଅନ୍ୟତମ ଟ୍ରଷ୍ଟି ପ୍ରୀତିଶ ଭଞ୍ଜ, ଦେବ ନାରାୟଣ ମହାନ୍ତି, ଅଶୋକ ଦାସ, ଚିତ୍ତରଞ୍ଜନ ପାତ୍ର, ଶିବ ପଟ୍ଟନାୟକ ଏବଂ ସୁଶୀଲ ରାଉତରାୟ ପ୍ରମୁଖ ଏହି ସୂଚନା ପ୍ରଦାନ କରିଛନ୍ତି।

# ବିଏମ୍‌ସିର ମାର୍ଗଦର୍ଶିକା: ୩ ସିଫ୍ଟରେ ହେବ ଏକାମ୍ର କ୍ଷେତ୍ର ସଫେଇ

ଭୁବନେଶ୍ୱର, ୬।୩(ସମିସ): ଶ୍ରୀଲିଙ୍ଗରାଜ ଓ କପିଳେଶ୍ୱରଙ୍କ ଶୃଙ୍ଖଳିତ ଜାଗରଯାତ୍ରା ଲାଗି ବିଏମ୍‌ସି ମାର୍ଗଦର୍ଶିକା (ଏସ୍‌ଓପି) ଜାରିକରିଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ହେବା ପରେ ବିଏମ୍‌ସି ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯିବା ସହ ଅତିରିକ୍ତ କମିସନରଙ୍କ ହାତରେ ସମସ୍ତ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେହିପରି ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ୨ ମନ୍ଦିରର ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ୩ ସିଫ୍ଟରେ ପୂରା ଏକାମ୍ର କ୍ଷେତ୍ରରେ ସଫେଇ କରାଯିବ। ଏଥିଲାଗି ଶ୍ରୀଲିଙ୍ଗରାଜ ମନ୍ଦିର ଓ କପିଳେଶ୍ୱରଙ୍କ ମନ୍ଦିର ଅଞ୍ଚଳରେ ଅତିରିକ୍ତ ସଫେଇକର୍ମୀ ନିୟୋଜିତ କରିବାକୁ ବିଏମ୍‌ସି ଘରୋଇ ସଫେଇ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି। ସେହିପରି ବିନ୍ଦୁସାଗର ଘାଟ ସଫା କରିବାକୁ ସଫେଇ ସଂସ୍ଥାକୁ କୁହାଯାଇଥିବାବେଳେ ଗୁରୁବାର ସୁଦ୍ଧା ସଫେଇ ଶେଷ କରିବାକୁ କୁହାଯାଇଛି। ଏହାସହ ବିନ୍ଦୁସାଗରର ଆଲୋକୀକରଣ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶଦିଆଯାଇଛି। ମନ୍ଦିର ଚାରିପଟେ ଲିଚୁ ମାଳ ପକାଯାଇ ସୌନ୍ଦର୍ଯ୍ୟକରଣ କରାଯିବ।

### ୪୦ ହଜାର ଟଙ୍କାରେ ହେବ ମୁଖଶାଳା ସୌନ୍ଦର୍ଯ୍ୟକରଣ

ଏଥିଲାଗି ବିଏମ୍‌ସିର ଇଲେକ୍ଟ୍ରିକାଲ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ମେୟରଙ୍କ ନିର୍ଦ୍ଦେଶ ମୁତାବକ ଏଥର ୪୦ ହଜାର ଟଙ୍କା ବ୍ୟୟରେ ମନ୍ଦିର ମୁଖଶାଳାର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଖାଲି ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନୁହେଁ ବରଂ ସିଂହଦ୍ୱାର, ଭୋଗ ମଣ୍ଡପ, ଜଗମୋହନ, ଚାହାଣି ମଣ୍ଡପ, ଉତ୍ତର ଦ୍ୱାର, ଦକ୍ଷିଣ ଦ୍ୱାର, ମନ୍ଦିର ପଚେରି, କେଦାରଗୌରୀ ମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିର ସୌନ୍ଦର୍ଯ୍ୟକରଣ ବୁଧବାର ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ମେକାନିକାଲ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ୨ ପାଣି ଟ୍ୟାଙ୍କର ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଏକ ଭ୍ରାମ୍ୟମାଣ ଶୌଚାଳୟ ୭ତାରିଖ ସନ୍ଧ୍ୟାରୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ୭ ତାରିଖ ସନ୍ଧ୍ୟାରୁ ୯ ତାରିଖ ସକାଳ ଯାଏଁ ୩ ସିଫ୍ଟରେ ସ୍ୱଚ୍ଛତା କର୍ମୀଙ୍କୁ ନିୟୋଜିତ କରାଯିବ, ଯେଉଁମାନେ କି ନିୟମିତ ଭ୍ରାମ୍ୟମାଣ ଶୌଚାଳୟକୁ ସଫା ରଖିବେ। ମେଡିସିନ୍, ଆମ୍ବୁଲାନ୍ସ ଓ ଫାଷ୍ଟ ଏଡ୍ କିଟ୍ ମହଜୁଦ ରଖିବାକୁ ବିଏମସି ହସ୍ପିଟାଲକୁ ନିର୍ଦ୍ଦେଶ ମିଳିଛି। ଜୋନାଲ ଡେପୁଟି କମିସନର ନିୟମିତ କ୍ଷେତ୍ରସ୍ତରୀୟ ଯାଞ୍ଚ କରିବେ ବୋଲି କୁହାଯାଇଛି। ଅନୁରୂପ ଭାବେ କପିଳେଶ୍ୱର ମନ୍ଦିରରେ ଜାଗର ପାଳନ ଲାଗି ମଧ ସମାନ ସର୍ତ୍ତାବଳୀ ରହିଥିବା ବିଏମ୍‌ସି ପ୍ରଦତ୍ତ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।



ଜଳ ହିଁ ଜୀବନ... ଖଣ୍ଡଗିରିରେ ତୃଷା ମେଣ୍ଟାଉଛି ମାଙ୍କଡ଼ (ଫଟୋ- ସନ୍ତୋଷ)

## ବାଲିପାଟଣାରେ ବିଜୁ ଜୟନ୍ତୀ

ବାଲିପାଟଣା, ୬।୩ (ସମିସ): ବିଜୁ ଜନତା ଦଳ ପକ୍ଷରୁ ବାଲିପାଟଣାଠାରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କିଶୋର ଜେନାଙ୍କ ନେତୃତ୍ୱରେ ସମସ୍ତ ଜିଲ୍ଲାପରିଷଦ ଓ ସମିତି ସଭ୍ୟ, ସରପଞ୍ଚ, ମଝିହରାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସେଠାରୁ ଶୋଭାଯାତ୍ରାରେ ବାହାରି ଚଣାହଟ୍ଟା କୁଳନ୍ତିରା ଶାସନ, ବାଲିପାଟଣା ବଜାର, ବେନ୍ତପୁର ପ୍ରଭୃତି ସ୍ଥାନରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଡ଼ଶ୍ରୀରାଚନ୍ଦ୍ରପୁର ଠାରେ ପହଞ୍ଚିଥିଲା। ସେହିପରି ପୂର୍ବାହ୍ନ ୧୦ ଟାରେ ଅଠାନ୍ତର ଠାରୁ ଅନ୍ୟ ଏକ ଶୋଭାଯାତ୍ରା ବାହାରି ବାଲିପାଟଣା ଛକଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ବାଲିପାଟଣା ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସକାଳେ ଅକ୍ଷୟ ବେହେରାଙ୍କ ନେତୃତ୍ୱରେ ବାଲିପାଟଣା ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ଖୁବ୍‌ଶୀଘ୍ର ସମ୍ପ୍ରସାରିତ ରାଜସ୍ୱ ଗ୍ରାମର ଡ୍ରାଫ୍ଟ ମାଷ୍ଟରପ୍ଲାନ୍**

# ବିଡିଏ ଅଧୀନକୁ ଆସିବ ୩୫୧ ଗାଁ

ଭୁବନେଶ୍ୱର, ୬।୩(ସମିସ): ଗତ କିଛିଦିନ ତଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳକୁ ସମ୍ପ୍ରସାରଣ କରାଯାଇଥିଲା। ଆଖପାଖର ମୋଟ ୩୫୧ରାଜସ୍ୱ ଗ୍ରାମକୁ ବିଡିଏରେ ସାମିଲ କରାଯାଇଥିଲା। ଏହାପରେ ଏହି ଅଞ୍ଚଳର ବିକାଶ ପାଇଁ ବିଡିଏ ପକ୍ଷରୁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ମାଷ୍ଟରପ୍ଲାନ୍‌କୁ ନେଇ ଏକ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଯାହାକୁ ଖୁବ୍‌ଶୀଘ୍ର ଲୋକଙ୍କ ପାଇଁ ସାର୍ବଜନୀନ କରାଯିବ। ବିଡିଏ ୱେବ୍ ସାଇଟ୍‌ରେ ଏହି ରିପୋର୍ଟ ପ୍ରକାଶ ପାଇବ। ମାଷ୍ଟରପ୍ଲାନ୍ ଉପରେ ଲୋକଙ୍କ ମତମତ ସଂଗ୍ରହ କରାଯିବ। ଏଥିରେ ଲୋକେ ନିଜର ମତାମତ ଦେବେ। ସମସ୍ତ ମତାମତ ଗ୍ରହଣ କରିବା ପରେ ମାଷ୍ଟରପ୍ଲାନ୍‌ର ଅନ୍ତିମ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଞ୍ଚଳରେ ୫୨୫ ରାଜସ୍ୱ ଗ୍ରାମ ରହିଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର, ଜଟଣୀ, ଚନ୍ଦକା, ଖୋର୍ଦ୍ଧା, ବାଲିଅନ୍ତା ପ୍ରଭୃତି ବ୍ଲକ ଓ ପିପିଲି ଏନ୍‌ସିର ୩୫୧ଗ୍ରାମକୁ ଏଥିରେ ସାମିଲ କରାଯାଇଛି। ଯାହା ମୋଟ ୧୭୦୮୩୦.୨୭୪ ଏକର ଅଞ୍ଚଳରେ ଅବସ୍ଥିତ ଥିଲା ବେଳେ ୬୯୧.୩୨୭୧ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରାଯିବ। ରେସିଡେନ୍‌ସିଆଲ୍ ଅଞ୍ଚଳ, ବ୍ୟବସାୟିକ ପ୍ରତିଷ୍ଠାନ, ଶିଳ୍ପାଞ୍ଚଳ, ଜଙ୍ଗଲ, ପାର୍କ, ଶିକ୍ଷାନୁଷ୍ଠାନଗୁଡ଼ିକୁ କେଉଁ ଜୋନ୍‌ରେ କିଭଳି ଅବସ୍ଥାପିତ କରାଯିବ ତାହାର ରୂପରେଖ ପ୍ରସ୍ତୁତ ହୋଇଛି। ସେହିପରି କେଉଁ ସ୍ଥାନରେ ରାସ୍ତା ତିଆରି କରାଯିବ। କେଉଁ ସ୍ଥାନରେ ରିଙ୍ଗ୍‌ରୋଡ, ଡ୍ରେନ୍ ପ୍ରଭୃତି ନିର୍ମାଣ କରାଯିବ ଏନେଇ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ବିଡିଏକୁ କୁହାଯାଇଥିଲା। ବିଡିଏର ପ୍ଲାନିଂ ବିଭାଗ ପକ୍ଷରୁ ଦୀର୍ଘଦିନ ହେବ ଏହାକୁ ପ୍ରସ୍ତୁତ କରାଯାଇଥିଲା। ସ୍ୟାଟେଲାଇଟ୍ ମାଧ୍ୟମରେ ସର୍ଭେ କରାଯାଇ ଏହି ଅଞ୍ଚଳଗୁଡ଼ିକର ମ୍ୟାପିଂ କରାଯାଇଥିଲା। ଏହାକୁ ନେଇ ଏକ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରାଯାଇଛି। ଏହି ଅଞ୍ଚଳରେ ସହର ସମ୍ପ୍ରସାରଣ ସହ ସହରାଞ୍ଚଳ ବିକାଶ ସମ୍ପର୍କରେ ତଥ୍ୟ ଉଲ୍ଲେଖ ରହିଛି।

### ୧୭୦୮୩୦ ଏକରରୁ ୬୯୧ କିମିକୁ ବ୍ୟାପିବ ବିଡିଏ




# 'ମିଲେଟ ଶକ୍ତି କାଫେ' ଉଦ୍‌ଘାଟିତ

ଭୁବନେଶ୍ୱର, ୬।୩ (ସମିସ): ମିଶନ ଶକ୍ତି ଓ ଓଡ଼ିଶା ମିଲେଟ୍ସ ମିଶନର ମିଳିତ ଉଦ୍ୟମରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟ କାର୍ଯ୍ୟାଳୟରେ 'ମିଲେଟ୍ ଶକ୍ତି କାଫେ' ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ପୁଷ୍ଟିକର ଖାଦ୍ୟ ମିଲେଟ୍‌କୁ ସହରାଞ୍ଚଳବାସୀଙ୍କ ଖାଦ୍ୟଥାଳିରେ ସାମିଲ କରିବା ସହ ମିଲେଟ୍‌ର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି କାଫେ ଖୋଲାଯାଇଛି। ଏହାକୁ ବିଏମ୍‌ସି ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଆମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଉଥିବାରୁ କୃତଜ୍ଞତା ଜଣାଇଛନ୍ତି ମେୟର ଶ୍ରୀମତୀ ଦାସ। ଏହି ମିଲେଟ୍ ଶକ୍ତି କାଫେର ପରିଚାଳନା ଦାୟିତ୍ୱ ଭୁବନେଶ୍ୱର ୱାର୍ଡ ନମ୍ବର ୩୯ ଅଧୀନରେ ଥିବା ବିଜୟାନନ୍ଦ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଦିଆଯାଇଛି। କାଫେରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପିଠା, ଲଡ୍ଡୁ, କେକ୍, ସୁଆଁ ଖିରୀ ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି।

ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୩ଟି ମିଲେଟ୍ ଶକ୍ତି କାଫେ ରହିଥିବାବେଳେ ଭୁବନେଶ୍ୱରରେ ୫ଟି କାଫେ ରହିଛି। ଉଦ୍‌ଘାଟନୀ ସମାରୋହରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିସନର୍ ଘାସିରାମ ମୁର୍ମୁ, ଡେପୁଟି କମିସନର୍ ଅଶୋକ କୁମାର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ବିଏମ୍‌ସି କାର୍ଯ୍ୟାଳୟରେ ମାଣ୍ଡିଆ ପିଠା

### ମାଣ୍ଡିଆ ଲଡ୍ଡୁ, ସୁଆଁ ଖିରିର ସ୍ୱାଦ ନେବେ କର୍ମଚାରୀ ଓ ସହରବାସୀ






**■ ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ**

# ଏସ୍‌ଡିଆଇରେ ପ୍ରଶିକ୍ଷାର୍ଥୀଙ୍କୁ ନିମ୍ନମାନର ଖାଦ୍ୟ

ଭୁବନେଶ୍ୱର, ୬।୩(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜଟଣୀସ୍ଥିତ ତରାବେଇ ଠାରେ ଥିବା ଦକ୍ଷତା ବିକାଶ ଅନୁଷ୍ଠାନ ବା ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଡିଆଇ)ରେ ପ୍ରଶିକ୍ଷାର୍ଥୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କରାଯାଉଛି। ଫଳରେ ବହୁ ସମୟରେ ପ୍ରଶିକ୍ଷାର୍ଥୀମାନେ ଅସୁସ୍ଥ ହେଉଛନ୍ତି। ଏପରିକି ଖାଦ୍ୟରେ ଅସରପା ବାହାରୁଥିବା ମଧ ଅଭିଯୋଗ ହୋଇଛି। ଖାଦ୍ୟରେ ପୋକ ବାହାରିଥିବାର ଏକ ଫଟୋକୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଭାଇରାଲ ହେବାରେ ଲାଗିଛି। ନିମ୍ନମାନର ଖାଦ୍ୟ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କେହି ଶୁଣୁ ନାହାନ୍ତି। ଏଣୁ ଅବ୍ୟବସ୍ଥା ସମ୍ପର୍କରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜଣେ ପ୍ରଶିକ୍ଷାର୍ଥୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଅତ୍ୟନ୍ତ ଖରାପ ମାନର ଖାଦ୍ୟ ଦିଆଯାଉଛି। ଅନ୍ୟ କିଛି ବିକଳ୍ପ ନଥିବାରୁ ବହୁ ସମୟରେ ସେମାନେ ତାହାକୁ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ଅଭିଯୋଗ କଲେ ନାଲି ଆଖି ଦେଖାଉଛନ୍ତି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାପରେ କିଏ ପ୍ରଘଟ କରିଛି ତା'ର ଆଭ୍ୟନ୍ତରୀଣ ତଦନ୍ତ ମଧ କରାଯାଉଥିବା ସେ କହିଛନ୍ତି। ଏପରି ସ୍ଥିତିରେ ସେମାନେ ଭୟଭୀତ ହୋଇ କାଳାତିପାତ କରୁଥିବା ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ସେ ବ୍ୟସ୍ତ ଥିବା କହି ଏଡ଼ାଇ ଯାଇଛନ୍ତି।





# ଭୁବନେଶ୍ୱର ସିଟି

## ଉଚ୍ଚ ବିଦ୍ୟାଳୟରେ ଶାରୀରିକ ଶିକ୍ଷା ପଢ଼ାଇବାକୁ ଦାବି

ଭୁବନେଶ୍ୱର, ୬।୩ (ସମିସ): ଉଚ୍ଚ ବିଦ୍ୟାଳୟରେ ଶାରୀରିକ ଶିକ୍ଷା ବିଷୟରେ ପାଠପଢ଼ା ହେଉ। ଏହି ବିଷୟରେ ୧୦୦ ନମ୍ବରର ପରୀକ୍ଷା କରାଯାଉ। ଫଳରେ କ୍ରୀଡ଼ା ପ୍ରତି ରୁଚି ରଖୁଥିବା ଛାତ୍ରଛାତ୍ରୀ ଅଧିକ ଜ୍ଞାନ ଆହରଣ କରିପାରିବେ। ଦୈନନ୍ଦିନ ପ୍ରାକ୍ଟିକାଲ କରୁଥିବାବେଳେ ଥିଓରୀ ପଢ଼ିଲେ ଅଧିକ ସଶକ୍ତ ହୋଇପାରିବେ। ବିଦ୍ୟାଳୟରେ ନିଯୁକ୍ତ ହୋଇଥିବା ଶାରୀରିକ ଶିକ୍ଷା ଶିକ୍ଷକ ବା ପିଇଟିମାନେ ଏହି ପାଠ୍ୟକ୍ରମ ପଢ଼ାଇପାରିବେ। ଏପରି ଦାବି ନେଇ ନୂଆ-ଓ ଅଭିଭାବକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ସଂଘର ସଭାପତି ଅର୍ଜୁନ ସାହୁଙ୍କ କହିବା ଅନୁଯାୟୀ, ବହୁ ଛାତ୍ରଛାତ୍ରୀ ଉତ୍ତମ ଖେଳକୁଦ କରୁଥିଲେ ମଧ୍ୟ ଖେଳ ବିଷୟରେ ଅଧିକ ତଥ୍ୟ ଜାଣିପାରୁ ନାହାନ୍ତି। ଥିଓରୀ ପଢ଼ାହେଲେ ସେମାନେ ଅଧିକ ଦକ୍ଷ ହୋଇପାରିବେ। ଏହାସହ ପରୀକ୍ଷା କରାଗଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ସ୍ୱତଃ ଇଚ୍ଛା ଜାଗ୍ରତ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ପିଇଟି ଶିକ୍ଷକଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାକୁ +୨ରୁ ସ୍ନାତକ କରିବା, ସମସ୍ତଙ୍କୁ ରାଜ୍ୟ କ୍ୟାଡର କରିବା ଓ ଆପୋଷ ବୁଝାମଣାରେ ବଦଳି ପାଇଁ ୩ଥର ସୁଯୋଗ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ହସ୍ତତନ୍ତ, ହସ୍ତଶିଳ୍ପ ଉନ୍ନୟନ ଓ ପ୍ରୋତ୍ସାହନ ପରିଷଦ ବିଲ୍ଡିଂ ଉଦ୍‌ଘାଟିତ




ଗୋଠପାଟଣାଠାରେ ଲୟଲା ସ୍କୁଲ ପାଇଁ ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ପରିଚୟ ଫାଉଣ୍ଡେସନ ପକ୍ଷରୁ ଆର୍ଯ୍ୟ ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୬।୩(ସମିସ): ପରିଚୟ ଫାଉଣ୍ଡେସନ ପକ୍ଷରୁ ୧୨ତମ ସଂସ୍କରଣ ଆର୍ଯ୍ୟ ସମ୍ମାନ ୨୨ ଜଣଙ୍କୁ ପ୍ରଦାନ କରାଯାଇଛି। ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଏହି କାର୍ଯ୍ୟକ୍ରମରେ କେତେକ ମହିଳା ଉଦ୍ୟୋଗୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁଲତା ଦେଓ ଯୋଗ ଦେଇଥିଲେ। ସଭା ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନାଟ୍ୟ ମହୋତ୍ସବରେ ୧୩ କଳାକାର ହେବେ ସମ୍ମାନିତ

ଭୁବନେଶ୍ୱର, ୬।୩(ସମିସ): ଶତାବ୍ଦୀର କଳାକାର ପକ୍ଷରୁ ଆସନ୍ତା ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବାକୁ ଯାଉଛି ୨୬ ତମ ନାଟ୍ୟ ମହୋତ୍ସବ। ଏହି ଅବସରରେ ବଂଶୀଧର ମହାରଣାଙ୍କୁ 'ସୁମିତ୍ରା ସମ୍ମାନ', ରାଜୀବ ପାଣିଙ୍କୁ 'ଗୟାଧର ସମ୍ମାନ' ଓ ଗୁରୁ ରତିକାନ୍ତ ମହାପାତ୍ର, ଶତ୍ରୁଘ୍ନ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ସ୍ୱଦେଶ କୁମାର ମହାନ୍ତି, ସୋମନାଥ ପରିଡ଼ା, ସୀମା ସାହୁ, ସତ୍ୟ ଜେନା, ପ୍ରଦୀପ ବିଶ୍ୱାଳ ଓ ପ୍ରସନ୍ନ ମିଶ୍ରଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ', ଅନୀଲ ପାତ୍ରଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ' ଏବଂ ଚାରୁଚନ୍ଦ୍ର ମହାନ୍ତିଙ୍କୁ 'ଜୀବନ ବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯିବ ବୋଲି ବିଜୁ ନାଟ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ନାଟକ ନିଷ୍ପତ୍ତି, ଦ୍ୱିତୀୟ ସନ୍ଧ୍ୟାରେ ନୱାବ ୱାଜୀଦ ଅଲ୍ଲୀ ଶାହ (ବଙ୍ଗାଳୀ), ତୃତୀୟ ଦିନରେ ଶେଷ ସାକ୍ଷାତ (ଓଡ଼ିଆ), ଚତୁର୍ଥ ଦିନରେ ହନୁର ଲାଞ୍ଜ (ଓଡ଼ିଆ), ପଞ୍ଚମ ବା ଶେଷ ଦିନରେ ଯଯାତି (ହିନ୍ଦୀ) ପରିବେଷଣ ହେବ।

## ବାଲିଅନ୍ତାରେ ୧୬୨୨ 'ନବୀନ କାର୍ଡ' ବଣ୍ଟନ



ବାଲିଅନ୍ତା, ୬।୩(ସମିସ): ବାଲିଅନ୍ତା ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୬୨୨ ହିତାଧିକାରୀଙ୍କୁ ବ୍ଲକ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ନବୀନ କାର୍ଡ ବଣ୍ଟନ କରାଯାଇଛି। ଅବଶିଷ୍ଟ ୪୧୭ ଜଣ ଆବେଦନକାରୀଙ୍କୁ କାର୍ଡ ଦ୍ୱିତୀୟ ପର୍ଯ୍ୟାୟରେ ବଣ୍ଟନ କରାଯିବ ବୋଲି ବିଡିଓ ପବିତ୍ର କୁମାର ସାମଲ କହିଛନ୍ତି। ଏହି ଅବସରରେ ବୁଧବାର ବ୍ଲକ ପରିସରରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ପରିଡ଼ା, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ୧୬ ନମ୍ବର ଜିଲ୍ଲା ପରିଷଦ ମହେଶ୍ୱର ଦାଶ ଓ ୧୭ ନମ୍ବର ସଭ୍ୟ କୁନ୍‌ମୁନ ଲେଙ୍କା ପ୍ରମୁଖ ହିତାଧିକାରୀ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ତାପସ ରଞ୍ଜନ ବିଶ୍ୱାଳ ଓ ରଞ୍ଜିତ ବଳବନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରବୀନ୍ଦ୍ର ମଣ୍ଡପରେ 'କାହାର ସେ ଜହ୍ନ' ମଞ୍ଚସ୍ଥ

ଭୁବନେଶ୍ୱର, ୬।୩(ସମିସ): ରବୀନ୍ଦ୍ର ମଣ୍ଡପଠାରେ ନବଗଠିତ ନାଟ୍ୟାନୁଷ୍ଠାନ 'ବୃନ୍ଦାବନ ନାଟ୍ୟ ସଂସଦ' ପକ୍ଷରୁ ନାଟକ 'କାହାର ସେ ଜହ୍ନ' ମଞ୍ଚସ୍ଥ ହୋଇଛି। ନାଟକର କଥାବସ୍ତୁ ଅନୁଯାୟୀ ସମାଜ ଭାଗ ଭାଗ ହୋଇଯାଉଛି। ତାହାପୁଣି କେବେ ଜାତିକୁ ନେଇ, କେବେ ଧର୍ମକୁ ନେଇ- କେବେ ସମ୍ପ୍ରଦାୟକୁ ନେଇ ତ ପୁଣି କେବେ ଈଶ୍ୱରଙ୍କୁ ନେଇ। ହେଲେ ଭାଗ କରିପାରେନି ସୂର୍ଯ୍ୟକୁ, ଭାଗ କରିପାରୁନି ଜହ୍ନକୁ। ଭଲ ପାଇବା କୌଣସି ସୀମା ସରହଦକୁ ମାନେନି, ଜାତି ଧର୍ମକୁ ମାନେନି କି ରୀତିନୀତିକୁ ମାନେନି। ଜୀବନରେ ଏମିତି କିଛି ନିଷ୍ପତ୍ତି ନେବାକୁ ପଡ଼େ, ଯାହାକୁ ସମାଜ ସ୍ୱୀକୃତି ଦିଏନି। ଦ୍ୱିଧା ଓ ଦ୍ୱନ୍ଦ୍ୱର ଏମିତି ଏକ କାହାଣୀ ଥିଲା-ନାଟକ 'କାହାର ସେ ଜହ୍ନ'। ନାଟକର କାହାଣୀ ଓ ନିର୍ଦ୍ଦେଶନା ବିଭୂତି ଭୂଷଣ ଚମ୍ପତି ଦେଇଥିବାବେଳେ ନାଟ୍ୟ



ରଚନା କରିଥିଲେ ଦିଲ୍ଲୀପ ବଳବନ୍ତରାୟ। ଉଦ୍‌ଘାଟନୀ ଉତ୍ସବରେ ଆଗାମୀ ଦିନରେ ନିୟମିତ ନାଟକ ପରିବେଷଣ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଚମ୍ପତି। ସମୟ ସମୟରେ ନାଟ୍ୟଭିତ୍ତିକ ଆଲୋଚନାଚକ୍ର, ନାଟ୍ୟ କର୍ମଶାଳା ଓ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବ ବୋଲି କହିଛନ୍ତି ସଂସଦର ସଭାପତି ପବିତ୍ର କୁମାର ପ୍ରଧାନ। ଏଥିରେ ବୃନ୍ଦାବନ ନାଟ୍ୟ ସଂସଦର ଲୋଗୋ ଉନ୍ମୋଚନ ହେବା ସହିତ ମହେନ୍ଦ୍ର ନନ୍ଦ, ଯୋଗେଶ ଚନ୍ଦ୍ର ପରିଡ଼ା, ଅର୍ଜୁନ ନାୟକ, ସୁଜିତ ମହାନ୍ତି ଓ ସେକ୍ ନିୟାମତଉଲ୍ଲାଙ୍କୁ ସମ୍ମାନିତ କରାଯାଇଥିଲା।

## ୭ମ ବାଟାଲିୟନରୁ ଯବାନଙ୍କ ବନ୍ଧୁକ ଚୋରି

ଭୁବନେଶ୍ୱର, ୬।୩ (ସମିସ): ଓଏସ୍‌ଏପିର ସପ୍ତମ ବାଟାଲିୟନ୍ ପରିସରରେ ଥିବା ବାରାକରୁ ୮ମ ଆରବିଏନ୍ ଯବାନଙ୍କ ବନ୍ଧୁକ ଚୋରି ହୋଇଛି। ଏନେଇ ମୈତ୍ରୀ ବିହାର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଅଷ୍ଟମ ଆଇଆର୍‌ବିଏନ୍‌ର ଗୋଟିଏ ପ୍ଲାଟୁନ୍ ଫୋର୍ସ ଭୁବନେଶ୍ୱର ଆସିଥିଲେ। ସେମାନେ ୭ମ ବାଟାଲିୟନର ସତ୍ୟାନନ୍ଦ ପଣ୍ଡା ବାରାକରେ ରହୁଥିଲେ। ଗତ ୨ ତାରିଖ ସନ୍ଧ୍ୟାରେ ଡ୍ୟୁଟି ସରିବା ପରେ ସମସ୍ତେ କ୍ୟାମ୍ପ୍‌କୁ ଫେରିବା ପରେ ରୋଲ୍ କଲ୍ ହୋଇଥିଲା। ସମ୍ପୃକ୍ତ ପ୍ଲାଟୁନ୍ ପାଖରେ ସମୁଦାୟ ୨୮ଟି ରାଇଫଲ ରହିଥିବା ବେଳେ ସେଦିନ ସନ୍ଧ୍ୟାରେ ୨୭ଟି ମିଳିଥିଲା। ଗୋଟିଏ ଇନ୍‌ସାଇ ରାଇଫଲ୍ ନ ମିଳିବାରୁ ପୂରା ପ୍ଲାଟୁନ୍ ତାକୁ ଖୋଜିବାରେ ଲାଗି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ରାଇଫଲ୍ ମିଳି ନ ଥିଲା। ଶେଷରେ ଏସ୍‌ଆଇ (ଆର୍ମ) ପି. ଲଛମୟ ଏନେଇ ମୈତ୍ରୀ ବିହାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବାଟାଲିୟନ ଯବାନଙ୍କ ହେପାଜତରୁ ରାଇଫଲ ଚୋରି ହେବା ଦାୟିତ୍ୱହୀନତାକୁ ପଦାରେ ପକାଇଛି। ଏନେଇ ଡିସିପି ପ୍ରତୀକ ସିଂହ କହିଛନ୍ତି, କମିସନରେଟ୍ ପୁଲିସ ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇଛି। ଏଥିରେ କିଛି ଲୋକଙ୍କୁ ସନ୍ଦେହ କରାଯାଉଛି। ପର୍ଯ୍ୟାୟକ୍ରମେ ସେମାନଙ୍କୁ ପଚରାଉଚରା କରାଯିବ। ବାଟାଲିୟନର ଅଧିକାରୀମାନେ ମଧ୍ୟ ଆଭ୍ୟନ୍ତରୀଣ ତଦନ୍ତ କରୁଛନ୍ତି। ଖୁବଶୀଘ୍ର ରାଇଫଲ୍‌କୁ ଜବତ କରାଯିବ ବୋଲି ସେ କହିଛନ୍ତି।

## ଶ୍ରାଦ୍ଧୋତ୍ସବରେ ରବି ରାୟଙ୍କୁ ଶ୍ରଦ୍ଧାଞ୍ଜଳି

ବାଲିଅନ୍ତା, ୬।୩ (ସମିସ): ସମାଜବାଦୀ ନେତା, ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରବକ୍ତା, ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧୋତ୍ସବ ବୁଧବାର ପାଳିତ ହୋଇଛି। ପ୍ରତ୍ୟୁଷରେ ମହାତ୍ମାଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଆନୁକୂଲ୍ୟରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବାଲିଅନ୍ତା ଗାନ୍ଧୀପୀଠରେ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ବେହେରା, ପଣ୍ଡିତ ଶ୍ରୀଧର ଦାଶ, ଖନ ବାବାଙ୍କ ସହ ବହୁ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ଲୋକସଭା ବାଚସ୍ପତି ଭାବେ ସେ ଅବିସ୍ମରଣୀୟ ବୋଲି ଅତିଥିମାନେ ମତ ଦେଇଥିଲେ। ପଣ୍ଡିତ ଶ୍ରୀଧର ଦାଶଙ୍କୁ ରବି ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।



## ଭତ୍ତାବୃଦ୍ଧି ଦାବିରେ ଆଶା କର୍ମୀଙ୍କ ଧାରଣା



ଭୁବନେଶ୍ୱର, ୬।୩(ସମିସ): ଭତ୍ତା ବୃଦ୍ଧି ଦାବି ନେଇ ବିଧାନସଭା ସମ୍ମୁଖରେ ଆଶା କର୍ମୀଙ୍କ ଧାରଣା ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଆଶାକର୍ମୀ ଏଆଇଟିୟୁସି ପରିଚାଳିତ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ସଚିବାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଭତ୍ତାବୃଦ୍ଧି, ଅବସରକାଳୀନ ଓ ମୃତ୍ୟୁକାଳୀନ ସହାୟତା ରାଶି ୫ ଲକ୍ଷକୁ ବୃଦ୍ଧି, ୧୦ ପ୍ରତିଶତ ସ୍ଥାନ ନର୍ସିଂ ତାଲିମ ପାଇଁ ସଂରକ୍ଷଣ ଆଦି ଦାବି ନେଇ ବିକ୍ଷୋଭ ଆରମ୍ଭ କରିଛନ୍ତି। ଧାରଣାସ୍ଥଳରେ ତୀର୍ଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ବିଜୁ ପଟ୍ଟନାୟକ ଫାଉଣ୍ଡେସନ୍ ପକ୍ଷରୁ ବିଜୁ ଜୟନ୍ତୀ

ଭୁବନେଶ୍ୱର, ୬।୩(ସମିସ): ବିଜୁ ପଟ୍ଟନାୟକ ଫାଉଣ୍ଡେସନ ପକ୍ଷରୁ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ଭଳି ପୁରସ୍କାର ବିତରଣ କରାଯାଇଛି। ଏଥିରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସାମ୍ବାଦିକ ଶ୍ରୀରାମ ଦାଶ, ମାଇନରିଟିଜ୍ ଆସୋସିଏସନ୍ ସଭାପତି ମହମ୍ମଦ ଅଲ୍ଲୀ, ସମାଜସେବୀ କ୍ଷେତ୍ର ମୋହନ ଦାସ ଏବଂ ସଭାପତି ସିଦ୍ଧାନ୍ତ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ଅବସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା। ପରେ ବସ୍ତ୍ର ବଣ୍ଟନ, ରାସ୍ତା କଡ଼ରେ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

ଯାଁଳା, ୬।୩(ସମିସ): ଆଉ ଗୋଟିଏ ଦିନ ପରେ ଦେବ ଦେବ ମହାଦେବଙ୍କ ଜାଗର ଯାତ୍ରା। ତେଣୁ ଉପକଣ୍ଠରେ ଥିବା ସମସ୍ତ ଶୈବପୀଠ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ପବିତ୍ର ଶିବରାତ୍ରି ଉପଲକ୍ଷେ ମୁଣ୍ଡମୁହାଣ ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ଏହାକୁ ଦୃଷ୍ଟିରେ ରଖି କିପରି ଶୃଙ୍ଖଳିତ ଜାଗର ଯାତ୍ରା ପାଳନ କରାଯିବ ସେ ନେଇ ପ୍ରସ୍ତୁତି ହୋଇଛି। ଜାଗର କମିଟି ପକ୍ଷରୁ ଆଜିଠାରୁ ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନ କରାଯାଇ ଆଲୋକ ମାଳାରେ ସଜାଗଲାଣି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପ୍ରସାଦ ସେବନକୁ କମିଟି ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ସେହିଭଳି ଜାଗର ଉପଲକ୍ଷେ ଯାଁଳା ବାଲୁଙ୍କେଶ୍ୱର ମନ୍ଦିରରେ ନବଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହେଉଛି। ପବିତ୍ର ଶିବରାତ୍ରି ଦିନ ଉକ୍ତ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିଭଳି ନଁପୁଟ, ରେତଙ୍ଗ ଓ ମଦନପୁର ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହା ସହ ଗଙ୍ଗପଡ଼ାରେ ଥିବା ଗଙ୍ଗେଶ୍ୱର ମନ୍ଦିର, ଛତାବର ଆଦି ଶୈବପୀଠରେ ମହାଦେବଙ୍କ ଜାଗର ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି।

## ଉତ୍କଳରେ 'ଉତ୍ସବ ଓଡ଼ିଶା' ଉଦ୍‌ଘାଟିତ | 'ଭାଷା ହେଉଛି ସଂସ୍କୃତିର ବାହକ'

ଭୁବନେଶ୍ୱର, ୬।୩(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଇନଷ୍ଟିଚ୍ୟୁଟ ଅଫ୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ଜାତୀୟ ସଂହତି ଓ ସଂସ୍କୃତି ପର୍ବ 'ଉତ୍ସବ ଓଡ଼ିଶା' ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ପ୍ରେକ୍ଷାଳୟରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ତଥା ପୂର୍ବତନ ପ୍ରଶାସକ ହରପ୍ରସାଦ ଦାସ ମାତୃଭାଷାର ବ୍ୟବହାର ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାକୁ ବିଶ୍ୱ ଭାଷା ଭାବେ ବ୍ୟବହାର କରିବାକୁ ଭାଷାର ଅବସ୍ଥା ବିଷୟରେ ଅବଗତ ହୋଇ ତଦନୁଯାୟୀ ନୀତି ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସଂସ୍କୃତି ବିଭାଗର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଭାଷାକୁ ସଂସ୍କୃତିର ବାହକ ବୋଲି ଅଭିହିତ କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମାତୃଭାଷାରେ



ଶିକ୍ଷାଦାନ ଅବା ସାହିତ୍ୟ ସୃଷ୍ଟି କରିବା ହେଉ, ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁଦାୟିତ୍ୱ ରହିଥିବା କହିଛନ୍ତି। ଭାରତୀୟ ଭାଷା ସମିତିର ବରିଷ୍ଠ ଉପଦେଷ୍ଟା ନିଶାମଣି କର, ସାଧାରଣ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାସ, ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ମିତାଲି ଚିନାରା, ଉତ୍ସବ ଓଡ଼ିଶାର ଆବାହକ ଉପେନ୍ଦ୍ର ପାଢ଼ୀ ଏବଂ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ପ୍ରଥମ ବୈଷୟିକ ଅଧିବେଶନରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଅଶୋକ ଦାସ, ସ୍ନାତକୋତର ପରିଷଦ ଅଧ୍ୟକ୍ଷା ନବନୀତା ରଥ ଏବଂ ଲେଖକ ତଥା ଶିକ୍ଷାବିତ୍ ନିରଞ୍ଜନ ପାଢ଼ୀ ପ୍ରମୁଖ 'ଜାତୀୟ ସଂହତିରେ ଜାତୀୟ ଶିକ୍ଷାନୀତିର ଭୂମିକା' ଶୀର୍ଷକରେ ମତବ୍ୟକ୍ତ କରିଥିଲେ।

### ଓଡ଼ିଶା ଲଳିତକଳା ଏକାଡେମୀର ମହିଳା ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟିତ

## ୪୦ ମହିଳା ଶିଳ୍ପୀଙ୍କ କାନ୍‌ଭାସ୍‌ରେ ନାରୀ ମନସ୍ତତ୍ତ୍ୱ

ଭୁବନେଶ୍ୱର, ୬।୩(ସମିସ):

ଓଡ଼ିଶା ଲଳିତକଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମହିଳା ଚିତ୍ରଶିଳ୍ପୀ ଶିବିର ଭୁବନେଶ୍ୱର ପାନ୍ଥନିବାସଠାରେ ଉଦ୍‌ଘାଟିତ ହୋଇଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆୟୋଜିତ ଏହି ତିନିଦିନିଆ ମହିଳା ଚିତ୍ରଶିଳ୍ପୀ ଶିବିର ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।




ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନପୂର୍ବକ ଶିବିରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଶିବିରରେ ବିଭିନ୍ନ ଜିଲ୍ଲାରୁ ମୋଟ ୪୦ଜଣ ମହିଳା ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଶିଳ୍ପୀମାନେ କ୍ୟାନ୍‌ଭାସ୍‌ରେ ନାରୀ ମନସ୍ତତ୍ତ୍ୱକୁ ପରିପ୍ରକାଶ କରିବା ସହ ସାମ୍ପ୍ରତିକୀ ଓଡ଼ିଶାର ପ୍ରଗତିରେ ନାରୀର ଭୂମିକା ଓ ମହିଳା ସଶକ୍ତୀକରଣ ପ୍ରସଙ୍ଗ ଉପରେ ସୃଜନଶୀଳ ଢଙ୍ଗରେ ଅଙ୍କନ କରିଥିଲେ। ଅଂଶଗ୍ରହଣକାରୀ ଶିଳ୍ପୀ ସ୍ମୃତି ପଟ୍ଟନାୟକ, ସୁଖଲତା ଦାସ, ବିଥିକା ଦାସ, ସୁଚେତା ପ୍ରିୟଦର୍ଶିନୀ, ମୋନାଲିସା ବିଶ୍ୱାଳ, ସାହିସ୍ତା ନାଜ୍, ଶୁଭଲକ୍ଷ୍ମୀ ପତ୍ରୀ, ଶୁଭଶ୍ରୀ ଜୟସିଂ, ବନ୍ଦିତା ବିଶ୍ୱାଳ, ଶୁଭମ୍ ଶୁଭଦର୍ଶିନୀ ଦାସ, ସବିତା ସ୍ୱାଇଁ, ଶେଫାଳି ମହାନ୍ତି, ଅପର୍ଣ୍ଣା ମହାନ୍ତି, ଝରଣା ଦାସ, ଦୀପଶିଖା ରଣା, ମଧୁସ୍ମିତା ଦାସ, ସୁମିତ୍ରା ମହାରଣା ପ୍ରମୁଖ ଶିଳ୍ପୀମାନେ ଯୋଗଦେଇ କ୍ୟାନ୍‌ଭାସ୍‌ରେ ନିଜର ସୃଜନଶୀଳତାକୁ ପରିପ୍ରକାଶ କରିଥିଲେ।

# ଲୋକନାଥଙ୍କ ପୀଠରେ ଜଳିଲା ବୃହତ୍ ଅଷ୍ଟଧାତୁ ଦୀପ



**ପୁରୀ,୬।୩(ସମିସ):** ମହାଶିବରାତ୍ରି ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠରେ ଜଳିଛି ଦ୍ୱାଦଶ ବାର୍ଷିକ ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ। ସନ୍ଧ୍ୟାରେ ଏସ୍‌ପି ପିନାକ୍ ମିଶ୍ର, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦୀପକୁ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା ଅତିଥିଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୨ଫୁଟ ଗଭୀର ବିଶିଷ୍ଟ ଅଷ୍ଟଧାତୁରେ ନିର୍ମିତ ଏହି ଦୀପରେ ଏକାଥରେ ୩ କୁଇଣ୍ଟାଲ ଘିଅ ଜଳାଯିବ। ଶ୍ରୀଲୋକନାଥଙ୍କ ମହାଦୀପ ଉଠିବା ପର୍ଯ୍ୟନ୍ତ ଅର୍ଥାତ୍ ୯ ତାରିଖ ପ୍ରତ୍ୟୁଷ ପର୍ଯ୍ୟନ୍ତ ଏହି ଦୀପ ଜଳାଜିବ। ପୂର୍ବରୁ ଏହି ଦୀପ ମାଟିରେ ପ୍ରସ୍ତୁତ ହେଉଥିବା ବେଳେ ଚଳିତ ବର୍ଷ ୨ କୁଇଣ୍ଟାଲ ୩୦ କେଜି ଅଷ୍ଟଧାତୁରେ ଏହା ତିଆରି କରାଯାଇଛି। ପ୍ରାୟ ୧ ମାସ ଧରି ବାଲକାଟୀର ପ୍ରସିଦ୍ଧ କାରିଗର ଭାଗିରଥି ମହାରଣା ଏହି ବୃହତ୍ ଦୀପକୁ ପ୍ରସ୍ତୁତ କରିଛନ୍ତି। ବିଶ୍ୱ କଲ୍ୟାଣ ନିମନ୍ତେ ଏହି ମହାର୍ଘ୍ୟ ଦୀପ ପ୍ରଜ୍ୱଳନ କରାଯାଉଥିବା ଦୀପର ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି।

# ସବୁ ସାପ କାମୁଡ଼ା ମୃତ୍ୟୁ ସ୍ୱାଭାବିକ ନୁହେଁ

**ଭୁବନେଶ୍ୱର, ୬।୩(ସମିସ):** ଗତ ଅକ୍ଟୋବର ମାସରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରରେ ମାଆ ଏବଂ ଝିଅଙ୍କର ଡବଲ ମର୍ଡର ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଜଣଙ୍କ ନାଗ ସାପକୁ ବ୍ୟବହାର କରି ନିଜ ପତ୍ନୀ ଓ ଝିଅକୁ ହତ୍ୟା କରିଥିଲା। ଏହି ଘଟଣା ସାରା ରାଜ୍ୟରେ ଚହଳ ପକାଇବା ସହ ହତ୍ୟା ଷଡ଼ଯନ୍ତ୍ରର ଏକ ନୂଆ ଦିଗକୁ ମଧ୍ୟ ଲୋକ ଲୋଚନକୁ ଆଣିଥିଲା। ତେବେ ଏଇ ଘଟଣାକୁ ଏକ ସ୍ୱାଭାବିକ ସାପ କାମୁଡା ଘଟଣା ଭାବି ପୋଷ୍ଟମର୍ଟମ ସମୟରେ ମୃତକଙ୍କର ଭିସେରା ନମୁନା ସଂଗ୍ରହ କରାଯାଇ ନ ଥିଲା ଏବଂ ପୁଲିସ ମଧ୍ୟ ଏହି ଘଟଣାକୁ ସାଧାରଣ ସାପ କାମୁଡା ଦୁର୍ଘଟଣା ବୋଲି ଭାବି ନେଇଥିଲେ। ମାତ୍ର ମୃତକ ମହିଳାଙ୍କ ପିତା ନିଜ ଜ୍ୱାଇଁଙ୍କ ବରୋଧରେ ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ନିଜର ତଦନ୍ତ ଦିଗ ବଦଳାଇବା ସହ ପ୍ରକୃତ କାରଣ ଜାଣିବାକୁ ପାଇଥିଲା ଓ ଅଭିଯୁକ୍ତକୁ ଗିରଫ କରିଥିଲା।

ଏହି ଘଟଣାରେ ସ୍ଥାନୀୟ ପୁଲିସ ସ୍ନେକ ହେଲ୍ପଲାଇନର ସହାୟତା ଲୋଡ଼ିଥିବା ବେଳେ ସପୁଲିସକୁ ସ୍ନେକ ହେଲ୍‌ପ ଲାଇନ୍‌ର ଟିମ୍ ଉପାଦେୟ ତଥ୍ୟ ପ୍ରମାଣ ମଧ୍ୟ ଯୋଗାଇବାରେ ସଫଳ ହୋଇଥିଲେ। ତେବେ ଏହିଭଳି ଘଟଣା ଦେଶର ଅନ୍ୟ କିଛି ରାଜ୍ୟରେ ଘଟିଥିବା ବେଳେ ଏମିତି କି ୨୦୧୨ ମସିହାରେ ବ୍ରହ୍ମପୁରରେ ଜଣେ ମହିଳାଙ୍କୁ ନାଗ ସାପ ବିଷ ଇଂଜେକସନ ଦେଇ ହତ୍ୟା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ତେଣୁ ଆଗକୁ ଏମିତି ମାମଲା ପୁଲିସ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିପାରେ ବୋଲି



ଆଶଙ୍କା ପ୍ରକାଶ ପାଇଛି। ତେଣୁ ଏଭଳି ଘଟଣାରେ ଅପରାଧିକ ପୃଷ୍ଠଭୂମିକୁ ଜାଣିବାକୁ ହେଲେ ପୋଷ୍ଟମର୍ଟମ ରିପୋର୍ଟ ଏବଂ ଭିସେରା ସାମ୍ପୁଲ ସଂଗ୍ରହକୁ ଗୁରୁତ୍ୱର ସହ ନେବା ଉଚିତ ବୋଲି ସ୍ନେକ ହେଲପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ତାଙ୍କ କହିବା ଅନୁଯାୟୀ କେରଳରେ ଏଭଳି ଏକ ମାମଲାରେ ଭିସେରା ସାମ୍ପୁଲ ପରୀକ୍ଷାରୁ ଅଭିଯୁକ୍ତ ସ୍ୱାମୀ ନିଜ ସ୍ତ୍ରୀକୁ ନାଗ ସାପ କାମୁଡେଇବା ପୂର୍ବରୁ ନିଶା ଔଷଧ ଖାଇବାକୁ ଦେଇଥିବା ଜଣା ପଡ଼ିଥିଲା। ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ମଧ୍ୟ ହୋଇଛି। କିନ୍ତୁ, କବିସୂର୍ଯ୍ୟନଗରରେ ମାଆ-ଝିଅ

- **ସାପକୁ ଅପରାଧ ପାଇଁ ଅସ୍ତ୍ର ଭାବେ ବ୍ୟବହାର ବଢୁଛି**
- **ଭିସେରା ନମୁନା ସଂଗ୍ରହରେ ପାଳନ ହେଉନି 'ମେଡିକୋ ଲିଗାଲ' ଗାଇଡ୍‌ଲାଇନ୍**
- **ବ୍ୟବଚ୍ଛେଦ ସମୟରେ ଭିସେରା ନମୁନା ସଂଗ୍ରହରୁ ମିଳିପାରିବ ସୂଚନା**

ଡବଲ ମର୍ଡର ଘଟଣାରେ ନାଗ ସାପ କାମୁଡ଼ା ପୂର୍ବରୁ ସେଇଭଳି କିଛି ନିଶା ଔଷଧ ବ୍ୟବହାର ସନ୍ଦେହ କରାଯାଉଥିଲେ ମଧ୍ୟ ପୋଷ୍ଟମର୍ଟମ ବେଳେ ଭିସେରା ସାମ୍ପୁଲ ନିଆଯାଇ ନ ଥିବାରୁ ଏବେ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ତେଣୁ ଏଭଳି ସାପ ବା ବିଷ ପ୍ରୟୋଗ କରି ଅପରାଧ ରୋକିବା ପାଇଁ ପୋଷ୍ଟମର୍ଟମ କରିବା ବେଳେ ରାଜ୍ୟର ମେଡିକାଲ ଅଫିସର ମାନେ ଭିସେରା ସାମ୍ପୁଲ ସଂଗ୍ରହ କରିବା ବାଧ୍ୟତାମୂଳକ କରିବା ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ରଙ୍କୁ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଇମେଲ ଜରିଆରେ ପତ୍ର ଲେଖିଛନ୍ତି।

କେନ୍ଦ୍ର ସରକାରଙ୍କ ମେଡିକୋ ଲିଗାଲ ଗାଇଡଲାଇନରେ ପୋଷ୍ଟମର୍ଟମ କରୁଥିବା ମେଡିକାଲ ଅଫିସର ମାନଙ୍କ ପାଇଁ ସାପ କାମୁଡା ମାମଲାରେ ଭିସେରା ସାମ୍ପୁଲ ସଂଗ୍ରହ କରିବା ବାଧ୍ୟତାମୂଳକ କରାଯାଇଥିବା ବେଳେ କବିସୂର୍ଯ୍ୟନଗର ମାମଲାରେ ଏହାର ବ୍ୟତିକ୍ରମ ହୋଇଛି। ଏହା ବ୍ୟତୀତ ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଭିସେରା ସାମ୍ପୁଲ ସଂଗ୍ରହକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସାପ କାମୁଡ଼ାଇ ଯଦି କାହାକୁ ହତ୍ୟା କରାଯାଇଥିବ ଏବଂ ମାମଲାଟି କେହି ଜାଣି ପାରି ନଥିବେ ତେବେ 'ଓସ୍‌ଡମା' ପକ୍ଷରୁ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମଧ୍ୟ ପ୍ରଦାନ କରାଯାଇଥିବ। ତେଣୁ, ଓସଡମାର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ରାଜ୍ୟର ସ୍ନେକ ବାଇଟ ନୋଡାଲ ଅଫିସର ଡାକ୍ତର ସୁରଜିତ ଗରାବଡୁଙ୍କୁ ମଧ୍ୟ ଏନେଇ ଅବଗତ କରାଯାଇଥିବା ଜଣାପଡ଼ିଛି।

# ନିଜସ୍ୱ ଟିକସ ରାଜସ୍ୱରେ ୧୮ % ଅଭିବୃଦ୍ଧି

**ଭୁବନେଶ୍ୱର,୬।୩(ସମିସ):** ରାଜ୍ୟ ବଜେଟ୍‌ରେ ଆର୍ଥିକ ଆବଣ୍ଟନ ଅନୁସାରେ ବିଭିନ୍ନ ବିଭାଗର ଗତ ବର୍ଷ ଫେବ୍ରୁଆରୀ ମାସ ଶେଷ ତୁଳନାରେ ଚଳିତ ବର୍ଷ ଫେବ୍ରୁଆରୀ ମାସ ଶେଷ ସୁଦ୍ଧା ବ୍ୟୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ରାଜସ୍ୱ ଆଦାୟ କ୍ଷେତ୍ରରେ ମୁଖ୍ୟତଃ ଜିଏସଟି, ଭୂ ରାଜସ୍ୱ, ଯାନ ଟିକସ ଆଦିରେ ଉତ୍ତମ ପ୍ରଦର୍ଶନ ଯୋଗୁଁ ୨୦୨୪ ଫେବ୍ରୁଆରୀ ସୁଦ୍ଧା ନିଜସ୍ୱ ଟିକସ

**ଅଣଟିକସ ରାଜସ୍ୱରେ ପୂର୍ବ ବର୍ଷର ତୁଳନାରେ ୨୦ % ବୃଦ୍ଧି**

ରାଜସ୍ୱରେ ଗତ ବର୍ଷ ତୁଳନାରେ ୧୮ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ମୁଖ୍ୟତଃ ଖଣି ରାଜସ୍ୱ ଏବଂ ପ୍ରାପ୍ତ ଲାଭାଂଶରେ ଅଭିବୃଦ୍ଧି ଯୋଗୁଁ ୨୦୨୪ ଫେବ୍ରୁଆରୀ ସୁଦ୍ଧା ଅଣଟିକସ ରାଜସ୍ୱରେ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୪ ଫେବ୍ରୁଆରୀ ସୁଦ୍ଧା ମୋଟ ରାଜସ୍ୱ ଆଦାୟ ଗତ ବର୍ଷ ତୁଳନାରେ ୨୩.୪୨ ପ୍ରତିଶତ ବୃଦ୍ଧି ପାଇଛି।

ବୁଧବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷରେ ଫେବ୍ରୁଆରୀ ୨୦୨୪ ଶେଷ ସୁଦ୍ଧା ବିଭିନ୍ନ



ବିଭାଗ ତଥା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସମ୍ପର୍କରେ ଅର୍ଥ ବିଭାଗ ତରଫରୁ ଏହି ସୂଚନା ପ୍ରଦାନ କରାଯାଇଛି। ଫେବ୍ରୁଆରୀ ମାସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୧ ଟି ଜିଲ୍ଲାରେ ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ କରାଯାଇଥିବା ସହ ୧୩ ଜିଲ୍ଲାରେ ୨୦ ଟି ଆମ ବସଷ୍ଟାଣ୍ଡ ଲୋକାର୍ପଣ କରାଯାଇଛି। ୨୦୨୩-୨୪ ବର୍ଷରେ ୨୫.୬୩ ଲକ୍ଷ ଏକର ରବି ଫସଲ କରାଯାଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ୯୧ ପ୍ରତିଶତ। ସେହିପରି ରାଜ୍ୟରେ ପ୍ରଥମ ଥର କରି ମତ୍ସ୍ୟ ପ୍ରାଣୀ ସମାବେଶ ଓଡ଼ିଶା -୨୦୨୪ ଅନୁଷ୍ଠିତ ହୋଇଛି, ଯାହାକି କୃଷକମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ବହୁଗୁଣିତ କରିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବୟନଶିଳ୍ପ ଓ ହସ୍ତଶିଳ୍ପ ଓ ହସ୍ତତନ୍ତ ବିଭାଗରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ପ୍ରଣୟନ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଓ ଜେଏନୟୁ ସହିତ ଓଡ଼ିଆ ଭାଷାରେ ଅଧ୍ୟୟନ ଓ ଗବେଷଣା ପାଇଁ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିଭିନ୍ନ ରାଜ୍ୟରେ ୭ଟି ଓଡ଼ିଆ ଚେୟାର ପ୍ରତିଷ୍ଠା ହେବା ପାଇଁ ଅନୁମୋଦନ, ନୂଆ-ଓ ସ୍କଲାରସିପ୍ ଲାଗୁ ଏବଂ ୭୫୦ ଶଯ୍ୟା ବିଶିଷ୍ଟ ବାଗଚୀ ଶ୍ରୀଶଙ୍କରା କର୍କଟ ଚିକିତ୍ସା ଓ ଗବେଷଣା କେନ୍ଦ୍ର ଲୋକାର୍ପଣ ହୋଇଛି। ଜନତା ମୈଦାନ ଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହେବା, ଗ୍ରାମୀଣ ଯୁବକଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ସ୍ୱୟମ୍ ଯୋଜନା ଲାଗୁ, ରାଜ୍ୟରେ ଆମ ବ୍ୟାଙ୍କ ଯୋଜନାରେ ବ୍ୟାଙ୍କିଂ ସୁବିଧା ନଥିବା ୨୦୦୦ ଗ୍ରାମ ପଞ୍ଚାୟତରେ ସିଏସପି ଆଉଟଲେଟ୍ ଖୋଲିବା ଆଦି ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଫଳତା ସମ୍ପର୍କରେ ବୈଠକରେ କରାଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଫଳତା ସମ୍ପର୍କରେ ଉପସ୍ଥାପନ କରିଛନ୍ତି।

# ଯାଞ୍ଚ ବେଳେ ପୁଲିସ ଗାଡ଼ିକୁ ଧକ୍କାଦେଲା ଟ୍ରକ୍

## ଅଳ୍ପକେ ବର୍ତ୍ତିଲେ ଭେଜିପୁଟ ଫାଣ୍ଡି ପୁଲିସ

**ଖଲ୍ଲିକୋଟ,୬।୩(ସମିସ):** ଡିଜେଲ ଚୋରକୁ ଧରିବା ଯାଇଥିବା ପୁଲିସ ଗାଡ଼ିକୁ ଟ୍ରକ୍ ଧକ୍କା ଦେଇଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଭେଜିପୁଟ ଫାଣ୍ଡି ଅଧିକାରୀ ଓ ପୁଲିସ କର୍ମଚାରୀ। ଅଧାବାଟରେ ଟ୍ରକ୍ ଛାଡି ଦୁର୍ବୃତ୍ତ ମାନେ ଚମ୍ପଟ ମାରିଥିବାବେଳେ ପୁଲିସ ସମ୍ପୃକ୍ତ ଟ୍ରକ୍ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ ଅଞ୍ଚଳରୁ ନିୟମିତ ଭାବେ ବିଭିନ୍ନ ଟ୍ରକ୍‌ରୁ ଡିଜେଲ ଚୋରି ହେଉଥିବା ଅଭିଯୋଗ ହେଉଥିଲା। ଗତ ୪ ତାରିଖ ମଧ୍ୟରାତ୍ରରେ ପଶ୍ଚିମବଙ୍ଗର ଦୁଇଟି ଟ୍ରକ୍‌ରୁ ୬୦୦ ଲିଟର ଡିଜେଲ ଚୋରି ହୋଇଥିବା ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୧୮୪/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଘଟଣାର ସୁରାକ ପାଇଥିଲା। ମଙ୍ଗଳବାର ମଧ୍ୟରାତ୍ରରେ ଡିଜେଲ ଚୋରି ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା। ତେବେ ପୁଲିସକୁ ଦେଖି ଡିଜେଲ ଚୋରି କରୁଥିବା ଟ୍ରକ ନମ୍ବର ଏମପି ୦୯ ଏଚଜି ୧୫୫୫ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲା। ଟ୍ରକଟି ଦ୍ରୁତ ଗତିରେ ଟୋଲ ଗେଟ ଆଡକୁ ଆସୁଥିବା ବେଳେ ପୁଲିସ ଅଟକେଇବା ପାଇଁ ଚେଷ୍ଟା କରିଥିଲେ। ତେବେ ପୁଲିସ ଗାଡ଼ି ଉପରେ ଚଢେଇ ଦେବା ପାଇଁ ଟ୍ରକଟି ମାଡି ଆସିବାରୁ ଗାଡ଼ି ସାଇଡ କରି ଦେଇଥିଲେ। କିନ୍ତୁ ଟ୍ରକଟି ପୁଲିସ ଗାଡ଼ିକୁ ଶକ୍ତ ଧକ୍କା ଦେଇଥିଲା ଫଳରେ ପୁଲିସ ଗାଡ଼ିଟି ଭାଙ୍ଗି ଯାଇଥିବା ବେଳେ ଗାଡ଼ି ଭିତରେ ଥିବା ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ରଙ୍କ ସହ ଫାଣ୍ଡିର ଅନ୍ୟ ପୁଲିସ କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ।

- **କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି**

# ପେନ୍‌ସନ୍ ନାହିଁ ତ ଭୋଟ୍ ନାହିଁ

**କଟକ,୬।୩(ସମିସ):** ଇପିଏସ-୯୫ ସମନ୍ୱୟ କମିଟିର କାର୍ଯ୍ୟକାରିଣୀ ବୈଠକ ମହାରାଷ୍ଟ୍ରର ସେବାଗ୍ରାମସ୍ଥ ବାପୁକୁଟି ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୧୦ଟି




ରାଜ୍ୟର ପ୍ରତିନିଧି ଯୋଗ ଦେଇଥିଲେ। ସର୍ବନିମ୍ନ ପେନ୍‌ସନ୍ ୯୦୦୦ ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ କରିବାରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ବୈଠକରେ ସମାଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ, ଶ୍ରମ ମନ୍ତ୍ରୀଙ୍କୁ ଚିଠିଲେଖି ଅନୁରୋଧ କଲାପରେ ପେନସନ ବୃଦ୍ଧିପାଇଁ କେନ୍ଦ୍ର ସରକାର ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ଅହେତୁକ ବିଳମ୍ବ ପାଇଁ ସଭାରେ ଗମ୍ଭୀରତା ପ୍ରକାଶ ପାଇଥିଲା। ୧୦ଟି ରାଜ୍ୟର ୨୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ସର୍ବସମ୍ମତିକ୍ରମେ ନିଷ୍ପତ୍ତି କଲେ ଯେ ସରକାର ଯଥାଶୀଘ୍ର ସର୍ବନିମ୍ନ ପେନସନ ବୃଦ୍ଧି ନ କଲେ ଆଗାମୀ ନିର୍ବାଚନରେ ଇପିଏଫ ପେନସନ ଭୋଗି ବରିଷ୍ଠ ନାଗରିକ ଓ ପରିବାରବର୍ଗ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଭୋଟ ଦେବେ। ଅଲ୍ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ତରଫରୁ ପ୍ରଫୁଲ୍ଲ କୁମାର ଦାସ କାର୍ଯ୍ୟକାରୀ ସଭାପତି ଓ ବିକ୍ରମ ଛୋଟରାୟ ଉପସଭାପତି ଏହି ବୈଠକରେ ଯୋଗଦେଇ ନିଷ୍ପତ୍ତି ରେ ଅଂଶ ଗ୍ରହଣ କରିଥିଲେ।

# ପ୍ରୟାସକାନ୍ତିଙ୍କୁ ଇଡିର ୧୮ ଘଣ୍ଟା ଜେରା

**ଭୁବନେଶ୍ୱର,୬।୩(ସମିସ):** ବରପଦା ଇଞ୍ଜିନିୟରିଂ କଲେଜ ଜମି ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୧୮ ଘଣ୍ଟାରୁ ଅଧିକ ସମୟ ଧରି ଜେରା କରିଛି। ସୂଚନା ଅନୁସାରେ, ରାତି ତମାମ ପ୍ରୟାସକାନ୍ତିଙ୍କୁ ଇଡିର ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଇଡିର ୩ଟି ଟିମ ପ୍ରୟାସକାନ୍ତିଙ୍କୁ ଜେରା କରିଥିବା କୁହାଯାଉଛି। ତେବେ ଭୋର ସାଢ଼େ ୪ଟାରେ ଇଡି କାର୍ଯ୍ୟାଳୟରୁ ବାହାରିବା ପରେ ପ୍ରୟାସକାନ୍ତି ଗଣମାଧ୍ୟମକୁ କହିଛନ୍ତି ଯେ ମୋତେ କିଛି ପ୍ରଶ୍ନ ପଚରାଯାଇ ନାହିଁ।

**ବଳରାମ ସୁଆଁସିଆ ହତ୍ୟା ଘଟଣା**

# ବାପା ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡ

**ବ୍ରହ୍ମପୁର, ୬।୩(ସମିସ):** ଏକ ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲାଜଜ୍ (ପ୍ରଥମ) ଡ. ଇନ୍ଦୁ ଶର୍ମା ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ତୁଳସୀପଦର ଗ୍ରାମର ଭୂଷଣ ମହାନ୍ତି(୬୪), ତାଙ୍କ ବଡପୁଅ ଭଗବାନ ମହାନ୍ତି(୪୨) ଓ ସାନପୁଅ ଅଜିତ ମହାନ୍ତି(୩୨)। କାରାଦଣ୍ଡ ସହ ଅଭିଯୁକ୍ତଙ୍କୁ ୧୧ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୧୮ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୫ ଡିସେମ୍ବର ୨୦ତାରିଖରେ ପାଟପୁର ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ବଳରାମ ସୁଆଁସିଆ ନାମକ ଜଣେ ବ୍ୟକ୍ତିଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିଲା। ବଳରାମ ବିଲରେ କାର୍ଯ୍ୟ କରୁଥିବା ଉପରୋକ୍ତ ୩ଅଭିଯୁକ୍ତ ଖଣ୍ଡା, କାତି ଓ ଟାଙ୍ଗିଆରେ ବଳରାମକୁ ଆକ୍ରମଣ କରିଥିଲେ। ଏଥିରେ ବଳରାମ ଗୁରୁତର ଭାବେ ଆହତ ହେବା ସହ ବିଲରେ ହିଁ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ବଳରାମଙ୍କୁ ଉଦ୍ଧାର କରି ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଟପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପୁଲିସ ଉପରୋକ୍ତ ୩ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିପରି ହତ୍ୟାରେ ବ୍ୟବହୃତ ଖଣ୍ଡା, କାତି ଓ ଟାଙ୍ଗିଆକୁ ପୁଲିସ ଜବତ କରିଥିଲା। ଗିରଫ ପରଠାରୁ ଭୁଷଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ପର୍ଯ୍ୟାୟକ୍ରମେ ତାଙ୍କର ୨ଅଭିଯୁକ୍ତ ପୁଅ ଜାମିନରେ ମୁକୁଳିଥିଲେ। ତଦନ୍ତ ଅଧିକାରୀ ଅଜୟ ବାରିକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ମୋଟ ୨୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ଉପରୋକ୍ତ ଅଭିଯୁକ୍ତମାନେ କୋର୍ଟରେ ହଜାର ହୋଇଥିଲେ। ପୁଲିସ ପକ୍ଷରୁ ହୋଇଥିବା ଚାର୍ଜସିଟ ଓ ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ କୋର୍ଟ ଏହି ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

## ଦେଶବିଦେଶ

# ପେଣ୍ଟରଙ୍କ କଟାହାତ ଯୋଡ଼ିଲେ ଡାକ୍ତର

**ନୂଆଦିଲ୍ଲୀ,୬।୩(ଏଜେନ୍ସି):** 'ହ୍ୟାଣ୍ଡ ଟ୍ରାନ୍ସପ୍ଲାଣ୍ଟ' (ହସ୍ତ ପ୍ରତିରୋପଣ)କୁ ନେଇ ଦିଲ୍ଲୀସ୍ଥିତ ସାର ଗଙ୍ଗାରାମ ହସ୍ପିଟାଲର ଡାକ୍ତରମାନେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଟ୍ରେନ ଦୁର୍ଘଟଣାରେ ଦୁଇ ହାତ ହରାଇଥିବା ଜଣେ ୪୫ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଦୁଇ ହାତକୁ ଏଠାକାର ଡାକ୍ତରମାନେ ପ୍ରତ୍ୟାରୋପଣ କରି ଚମତ୍କାରିତା ଦେଖାଇଛନ୍ତି। ପେଷାରେ ଜଣେ ପେଣ୍ଟର ଭାବେ ଏହି ବ୍ୟକ୍ତି ଏକ ଟ୍ରେନ ଦୁର୍ଘଟଣାରେ ନିଜର ଦୁଇ ହାତ ହରାଇଥିଲେ।ତେବେ ତାଙ୍କ ଶରୀରରେ ସଫଳତା ପୂର୍ବକ ହ୍ୟାଣ୍ଡ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିବାରୁ ସେ ପୁଣିଥରେ ନିଜ ହାତରେ ରଙ୍ଗତୂଳି ଧରି ତାଙ୍କ କଳାକାର ଜୀବନର ସ୍ୱପ୍ନକୁ ସାକାର କରିପାରିବେ ବୋଲି କୁହାଯାଇଛି। ସାର ଗଙ୍ଗାରାମ ହସ୍ପିଟାଲର ଡାକ୍ତରୀ ଟିମ୍‌କୁ ଏହି ପ୍ରତିରୋପଣ ପାଇଁ ଶ୍ରେୟ ଦିଆଯାଇଛି ସତ ; ହେଲେ ବାସ୍ତବିକ ଭାବେ ମସ୍ତିଷ୍କ ମୃତ୍ୟୁ ହୋଇଥିବା ଜଣେ ମହିଳା ତାଙ୍କର ଅଙ୍ଗଦାନ କରିଥିବାରୁ ଏହି ପ୍ରତିରୋପଣ ସମ୍ଭବ ହୋଇପାରିଛି ବୋଲି ଜଣାପଡ଼ିଛି।

# ବେଙ୍ଗାଲୁରୁରେ ଜଳ ସଙ୍କଟ ଗୁରୁତର

**ବେଙ୍ଗାଲୁରୁ, ୬।୩ (ଏଜେନ୍ସି):** କର୍ଣ୍ଣାଟକରେ ଜଳ ସଙ୍କଟ ସୃଷ୍ଟି ହୋଇଛି। ବେଙ୍ଗାଲୁରୁ ସ୍ଥିତି ସର୍ବାଧିକ ଖରାପ ରହିଛି। ଲୋକେ ପାଣି ପାଇଁ ହାହାକାର ଡାକୁଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଘର ସହିତ ସହରର ୩ ହଜାରୁ ଅଧିକ ବୋରୱେଲ ଶୁଖି ଯାଇଛି। ପାଣି ନ ମିଳିବା ଯୋଗୁଁ ବ୍ୟବସାୟୀ ଏହାର ଲାଭ ଉଠାଇବାରେ ଲାଗିଛନ୍ତି। ସହରରେ ପାଣି ମୂଲ୍ୟ ଅହେତୁକ ବୃଦ୍ଧି

**୩ ହଜାର ବୋରୱେଲ ଶୁଖିଲା**

ପାଇଛି। ୫ ହଜାର ଲିଟରର ପାଣି ଟ୍ୟାଙ୍କ ମୂଲ୍ୟ ୪ ଗୁଣ ବୃଦ୍ଧି ପାଇ ୫୦୦ରୁ ୨ ହଜାର ଟଙ୍କାରେ ପହଞ୍ଚି ଯାଇଛି। ସ୍ଥିତିକୁ ଦେଖି ସରକାର ସବୁ ପାଣି ଟ୍ୟାଙ୍କକୁ କବ୍ଜାକୁ ନେଇ ଯାଇଛନ୍ତି। ଏହି ସମସ୍ୟା ସମାଧାନରେ କେନ୍ଦ୍ର ସହଯୋଗ କରୁନାହିଁ ବୋଲି ଶିବକୁମାର କହିଛନ୍ତି। ରାଜ୍ୟର ୨୨୩ ବ୍ଲକ ମରୁଡ଼ି କବଳରେ ରହିଛି। ୨୧୯ ସର୍ବାଧିକ ପ୍ରଭାବିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି।

# ଲାକ୍ଷାଦ୍ୱୀପରେ 'ଆଇଏନ୍‌ଏସ୍ ଜଟାୟୁ' ମୁତୟନ

**କାବର୍ତ୍ତି, ୬।୩ (ଏଜେନ୍ସି):** ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ଲାକ୍ଷାଦ୍ୱୀପର ମିନିକଏ ଦ୍ୱୀପରେ ଭାରତୀୟ ନୌସେନା ବୁଧବାର 'ଆଇଏନଏସ ଜଟାୟୁ'କୁ ମୁତୟନ କରିଛି। ନୌସେନା ମୁଖ୍ୟ ଆଡମିରାଲ ଆର ହରିକୁମାର ଏହାକୁ ନୌସେନାରେ ସାମିଲ କରାଇଛନ୍ତି। ଏହି ଅବସରରେ ସେ ରାମାୟଣର ପକ୍ଷୀରାଜ ଜଟାୟୁଙ୍କ ବୀରତ୍ୱ ବିଷୟରେ ସୂଚନା ଦେଇଥିଲେ। ନିଜ ଜୀବନ କଥା ଚିନ୍ତା ନ କରି ମାତା ସୀତାଙ୍କୁ ରକ୍ଷା କରିବାକୁ ସେ ପ୍ରୟାସ କରିଥିଲେ। ନିଃସ୍ୱାର୍ଥପର ସେବାର ଭାବନାକୁ ସମ୍ମାନ ଦେବା ପାଇଁ ଏହି ଜାହାଜର ନାମ ଜଟାୟୁ ରଖାଯାଇଛି ବୋଲି କହିଥିଲେ। ଏହା କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠାକୁ ସୁନିଶ୍ଚିତ କରିବ। ସେହିପରି ବ୍ରତ ବଘେଲ ଜଟାୟୁର କାମାଣ୍ଡାଣ୍ଟ ନିଯୁକ୍ତ ହୋଇଛନ୍ତି। ଏହା ଲାକ୍ଷାଦ୍ୱୀପରେ ନୌସେନାର ଦ୍ୱିତୀୟ ବେସ୍ ହୋଇଛି।

# ପୂର୍ବଘାଟର ସଂରକ୍ଷଣ ନିମନ୍ତେ ସ୍ୱତନ୍ତ୍ର ପ୍ରୟାସ ଆବଶ୍ୟକ

**ଭୁବନେଶ୍ୱର,୬।୩(ସମିସ):** ଓଡିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ମଧ୍ୟ ଦେଇ ତଥା ତେଲେଙ୍ଗାନା ଏବଂ କର୍ଣ୍ଣାଟକ ପର୍ଯ୍ୟନ୍ତ ବିସ୍ତାରିତ ପୂର୍ବଘାଟ ପର୍ବତମାଳା ହେଉଛି ଭାରତର ପୂର୍ବ ଉପକୂଳରେ ବିଚ୍ଛିନ୍ନ ପାର୍ବତ୍ୟାଞ୍ଚଳମାନଙ୍କର ଏକ ସମଷ୍ଟି ଓ ମହାନଦୀ, ଗୋଦାବରୀ, କ୍ରିଷ୍ଣା ଏବଂ କାବେରୀ ପରି ବହୁ ନଦୀ ପ୍ରଣାଳୀ ଏହା ମଧ୍ୟ ଦେଇ ପ୍ରବାହିତ ହେଉଛନ୍ତି ଏବଂ ବିଆର୍ ହିଲ୍ସ (କର୍ଣ୍ଣାଟକ), ଥାଲାମଲାଇ (ତାମିଲନାଡୁ), ଦେଓମାଳି ଏବଂ ମହେନ୍ଦ୍ରଗିରି (ଓଡିଶା) ପରି ଅନେକ ଉଚ୍ଚ ଶିଖର ଏଠାରେ ଅବସ୍ଥିତ ଅଛନ୍ତି। ପୂର୍ବଘାଟ ଅଞ୍ଚଳରେ ବିବିଧ ସ୍ଥାନୀୟ ପ୍ରଜାତିର ଜୀବଜନ୍ତୁ ଏବଂ ଉଦ୍ଭିଦମାନେ ବିଭିନ୍ନ ପରିସଂସ୍ଥାୟ କ୍ଷେତ୍ରରେ ଉପସ୍ଥିତ ରହି ଏହାର ଜୈବବିବିଧତାକୁ ସମୃଦ୍ଧ କରୁଛନ୍ତି ଓ ଏହି ଅଞ୍ଚଳର ଜଙ୍ଗଲ ସମ୍ପଦ ଏହାର ପ୍ରାକୃତିକ ପରିସଂସ୍ଥା ମଧ୍ୟରେ ବାସ କରୁଥିବା ଅନେକ ଆଦିବାସୀ ସମ୍ପ୍ରଦାୟକୁ ପ୍ରାଚୀନ କାଳରୁ ଜୀବିକା ଯୋଗାଇ ଆସୁଛି ଓ ଜଙ୍ଗଲ କ୍ଷେତ୍ରଗୁଡିକ ସେହି ଅଞ୍ଚଳର ଜଳଚକ୍ର ଏବଂ ତାପମାତ୍ରା ସହିତ ଜଳବାୟୁ ସ୍ଥିତିକୁ ନିୟନ୍ତ୍ରିତ କରୁଛନ୍ତି। ମାତ୍ର, ମୁଖ୍ୟତଃ ଜମି ବ୍ୟବହାରରେ ପରିବର୍ତ୍ତନ, ଜଙ୍ଗଲ ସମ୍ପଦର ବିନଷ୍ଟ, କୃଷି କ୍ଷେତ୍ର ଏବଂ ତୃଣଭୂମିକୁ ପରିବର୍ତ୍ତନ, ରେଳପଥ ଏବଂ ସଡ଼କପଥର ବିକାଶ ଦ୍ୱାରା ଖଣ୍ଡବିଖଣ୍ଡନ ଏବଂ ଖଣି ଓ ଶିଳ୍ପ କାର୍ଯ୍ୟକଳାପ ଦ୍ୱାରା ଏହି ପରିସଂସ୍ଥାଗୁଡିକ ଉପରେ ନକାରାତ୍ମକ ମାନବୀୟ କାର୍ଯ୍ୟକଳାପର ଚାପ ବୃଦ୍ଧି ପାଉଛି ଓ ସେହିପରି, ବନ୍ୟଜନ୍ତୁମାନଙ୍କର ବେଆଇନ ଶିକାର ଏବଂ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ ଜାତିଗୁଡିକୁ ନିର୍ଦ୍ଦିଷ୍ଟ ଭାବେ କଟାଯିବା ଦ୍ୱାରା ଜୈବବିବିଧତା ପ୍ରତି ଉତ୍ପନ୍ନ ବିପଦ ମଧ୍ୟ ବୃଦ୍ଧି ହେଉଛି। ସାମ୍ପ୍ରତିକ



ଦଶନ୍ଧିମାନଙ୍କରେ ଘଟିଥିବା ଏପରି ବିନାଶକାରୀ ପ୍ରଭାବକୁ ପ୍ରତିହତ କରି ପୂର୍ବଘାଟ ପର୍ବତମାଳାର ଜୈବବିବିଧତା ଏବଂ ଅନ୍ୟାନ୍ୟ ସମ୍ବଳର ସୁରକ୍ଷା ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ପ୍ରୟାସର ଜରୁରୀ ଆବଶ୍ୟକତା ରହିଛି, ଯାହା ପ୍ରକୃତିର ଏପରି ସୁନ୍ଦର ଉପହାରରୁ ଉପଲବ୍ଧ ଲାଭର ପ୍ରବାହ ଆଗକୁ ମଧ୍ୟ ଜାରି ରଖିବ। 'ପୂର୍ବଘାଟ ପର୍ବତମାଳା: ଜୈବବିବିଧତା, ସମ୍ବଳର ବ୍ୟବହାର ଏବଂ ବିପଦ' ବିଷୟବସ୍ତୁ ଉପରେ ଓଡ଼ିଶା ପରିବେଶ ସମିତି ଦ୍ୱାରା ଆୟୋଜିତ ଏକ ୱେବିନର୍‌ରେ ଅଂଶଗ୍ରହଣ କରି ବିଶେଷଜ୍ଞମାନେ ଏପରି ମତ ପ୍ରକାଶ କରିଥିଲେ ।

ଏହି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବରେ କୋରାପୁଟସ୍ଥ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ତଥା ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ଡିନ୍ ପ୍ରଫେସର ଶରତ କୁମାର ପଲିତା ଯୋଗ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ପୂର୍ବଘାଟ ଅଞ୍ଚଳର ଜୈବବିବିଧତା, ବିଶେଷ ରୂପେ କୋରାପୁଟ ଅଞ୍ଚଳ, ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ, ଖଣିଜ ଉତ୍ତୋଳନ, କୃଷି ଏବଂ ପନିପରିବା ଚାଷ ପାଇଁ ଜଙ୍ଗଲ ଧ୍ୱଂସ, ପୋଡୁଚାଷ ଅଭ୍ୟାସ, ଜଙ୍ଗଲ ନିଆଁରେ ବୃଦ୍ଧି, ପର୍ଯ୍ୟଟକଙ୍କ ପ୍ରବାହରେ ବୃଦ୍ଧି, ବାହ୍ୟ ପ୍ରଜାତିର ବୃକ୍ଷରୋପଣ ଏବଂ ବାସସ୍ଥଳୀ ଅବକ୍ଷୟ ହେତୁ ଚାପଗ୍ରସ୍ତ ହୋଇଚାଲିଛି। ଏଥିସହ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସ୍ଥାନୀୟ ଜୈବବିବିଧତା ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର ହେଉଥିବାର ଦେଖାଯାଉଛି, ଯାହା ଦ୍ୱାରା ଜୀବଜାତିମାନେ ଅସୁରକ୍ଷିତ ଏବଂ ବିପଦଗ୍ରସ୍ତ ହେଉଛନ୍ତି। ପୂର୍ବଘାଟକୁ ଗମ୍ଭୀର ସମସ୍ୟାରୁ ରକ୍ଷା କରିବା ନିମନ୍ତେ ବ୍ୟବସ୍ଥିତ ଯୋଜନା ଏବଂ ନିରନ୍ତର ସଂରକ୍ଷଣ ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ପ୍ରଫେସର ପଲିତା ଗୁରୁତ୍ୱାରୋପ କରିଥିଲେ। ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର ବ୍ୟକ୍ତ କରିଥିଲେ ଯେ ମୂଳ ଜୈବବିବିଧତାକୁ ସୁରକ୍ଷା ଦେବା ଏବଂ ପ୍ରକୃତିର ସନ୍ତୁଳନକୁ ରକ୍ଷା କରିବା ନିମନ୍ତେ ଆମର ପ୍ରୟାସ ଫଳପ୍ରଦ ହେବା ବାଞ୍ଛନୀୟ । ସ୍ୱାଗତ ଭାଷଣରେ ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ମାନବ ସମସ୍ୟାର ପ୍ରକୃତି ଭିତ୍ତିକ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ, ଯାହା ଦ୍ୱାରା ପୂର୍ବଘାଟ ପରିସଂସ୍ଥାୟ କ୍ଷେତ୍ରର ବିନାଶ କ୍ରମେ ହ୍ରାସ ପାଇବ। ଉପ-ସଭାପତି ଡ଼. ଲାଲା ଏ.କେ. ସିଂହ ଅତିଥିମାନଙ୍କର ପରିଚୟ ପ୍ରଦାନ ଏବଂ ପ୍ରଫେସର ନିମାଇ ଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଡ଼. ବିଜୟ କେତନ ପଟ୍ଟନାୟକ, ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ, ଡ଼. ଅଭୟ କାନ୍ତ ପାଠକ ଏବଂ ଗୁରୁକୃଷ୍ଣ ଦାଶ ମଧ୍ୟ ଏହି ପ୍ରସଙ୍ଗରେ ନିଜ ବକ୍ତବ୍ୟ ରଖିଥିଲେ ।

